

യാ ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୫ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 JANUARY 2021
Vol.No. 31 ■ No. 05 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୮ ତାରିଖ ସୁଦ୍ଧା କୋଭିଡ ଟିକାଦାନ କେନ୍ଦ୍ର ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୦୪।୦୧ (ନି.ପ୍ର): ଆସନ୍ତା ୮ ତାରିଖ ସୁଦ୍ଧା କୋଭିଡ ଟିକାଦାନ କେନ୍ଦ୍ରଗୁଡ଼ିକୁ ଚୂଡ଼ାନ୍ତ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ.ମହାପାତ୍ର ସୋମବାର ଦିନ ଜାରି କରିଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଟିକାଦାନ କେନ୍ଦ୍ରଗୁଡ଼ିକରେ ପ୍ରତୀକ୍ଷାଳୟ, ଟିକାଦାନ ଗୃହ ଓ ପର୍ଯ୍ୟବେକ୍ଷଣ ଗୃହ ରହିବା ଆବଶ୍ୟକ । ଏଗୁଡ଼ିକ ସାଧାରଣତଃ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନାରେ ଚିହ୍ନଟ ହେବ । ବ୍ଲକରେ ଥିବା ଜନସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ କେନ୍ଦ୍ର ଲାଗି ସ୍ଥାନ ଚିହ୍ନଟ ହେବ । ସେହିପରି ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମେଡ଼ିକାଲ କଲେଜ, ଘରୋଇ ହସପିଟାଲରେ ମଧ୍ୟ ଟିକାଦାନ କେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ ହେବ । ବ୍ଲକସ୍ତରୀୟ ଓ ପୌରସ୍ତରୀୟ ଟାସ୍କଫୋର୍ସଗୁଡ଼ିକ ଏସବୁ ଟିକାଦାନ କେନ୍ଦ୍ରଗୁଡ଼ିକର ପର୍ଯ୍ୟବେକ୍ଷଣ ପରେ ଜିଲ୍ଲା ପ୍ରଶାସନକୁ ଚୂଡ଼ାନ୍ତ ତାଲିକା ପଠାଇବେ । ଅନ୍ୟପକ୍ଷରେ ପ୍ରତି ଟିକାଦାନ କେନ୍ଦ୍ରରେ ଟିକାଦାନକାରୀଙ୍କ ସମେତ ଏକ ୫ ଜଣିଆ ଦଳ ଚିହ୍ନଟ କରାଯିବ । ଟିକାଦାନ ପରେ କୌଣସି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ, ତାହାର ପରିଚାଳନା ପାଇଁ ପ୍ରତି ଟିକାଦାନ କେନ୍ଦ୍ରରେ ଜଣେ ତାଲିମପ୍ରାପ୍ତ ମେଡ଼ିକାଲ ଅଫିସର ନିଯୁକ୍ତ ରହିବେ ।

## ସରକାରଙ୍କୁ ୪୮ ଘଣ୍ଟାର ମହଲତ୍ ଦେଲା ବିଜେପି

### ହତ୍ୟାକାରୀଙ୍କୁ ଗିରଫ ଓ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର



ସାଲେପୁର,୦୪।୦୧ (ନି.ପ୍ର): ରାଜ୍ୟ ସରକାରଙ୍କୁ ୪୮ ଘଣ୍ଟାର ଅଲ୍‌ଟିମେଟ୍‌ମ ଦେଲା ବିଜେପି । ଏହି ସମୟ ଭିତରେ ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟାକାରୀଙ୍କୁ ଗିରଫ ଓ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାନଗଲେ ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରାଯିବ । ଏମିତିକି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ସାଧାରଣ ଉତ୍ସବରେ ଭାଗନେବାକୁ ଦିଆଯିବ ନାହିଁ ବୋଲି ବିଜେପି ଚେତାବନୀ ଦେଇଛନ୍ତି । ଏନେଇ ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜେଡି ସମର୍ଥିତ ଗୁଣ୍ଡାଙ୍କ ଦ୍ୱାରା ହୋଇଛି ଏହି ହତ୍ୟାକାଣ୍ଡ । ପୂର୍ବରୁ କଂଗ୍ରେସ ଯାହା କରୁଥିଲା, ଏବେ ବିଜେଡି କରୁଛି ବୋଲି ଶ୍ରୀ ହରିଚନ୍ଦନ । ସେପଟେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଟ୍ୱିଟ୍ କରି ଲେଖିଛନ୍ତି, ମନ୍ତ୍ରୀ ପ୍ରତାପ ଜେନାଙ୍କ ଦୁର୍ନୀତି ବିରୋଧରେ ମୁହଁ ଖୋଲିବାରୁ କୁଳମଣିଙ୍କୁ ହତ୍ୟା କରାଯାଇଛି । ମନ୍ତ୍ରୀଙ୍କ ନାଁ ଏତଲାରେ ଅଛି । ଓଡ଼ିଶା, ଏବେ ବଙ୍ଗଳା ରାସ୍ତାରେ ଯାଉଛି କି ବୋଲି ପ୍ରଶ୍ନ କରିଛନ୍ତି ସମ୍ବିତ । ସେପଟେ ଘଟଣା ପାଇଁ ସିଧା ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ । ସେ କହିଛନ୍ତି, ନିର୍ବାଚନ ଜିତିବା ସକାଶେ ଶାସକ ଦଳ ହତ୍ୟାକାଣ୍ଡ ଭିଆଉଛି । ଏହି ସରକାର ଅମଳରେ ରାଜ୍ୟରେ ୧୭ଟି ରାଜନୈତିକ ହତ୍ୟା ଓ ଗତ ପଞ୍ଚାୟତ ନିର୍ବାଚନ ବେଳେ ୧୪ ଜଣ ବିଜେପି କର୍ମୀଙ୍କୁ ହତ୍ୟା କରାଯାଇଛି ।

▶▶ପୃଷ୍ଠା ୭

## ସରୋଜ କହିଲା-ମୋତେ ମାଡ଼ ମାରି ଫସାଇଛି ଏସ୍ଆଇଟି



ଭୁବନେଶ୍ୱର,୦୪।୦୧ (ନି.ପ୍ର): ନୟାଗଡ଼ର କୁନିଝିଅ ପରୀ ହତ୍ୟା ମାମଲାରେ ଗିରଫ ହୋଇଥିବା ସରୋଜ ସେଠୀ ପୁଣି ନିଜକୁ ନିର୍ଦ୍ଦୋଷ ବୋଲି ସଫେଇଦେଇଛି । କୋର୍ଟରେ ହାଜର ହୋଇ ବାହାରିବା ବେଳେ ସେ କହିଛନ୍ତି, ମୋତେ ଫସାଇ ଦିଆଯାଇଛି । ମୁଁ ନିର୍ଦ୍ଦୋଷ, କିଛି ଜାଣିନି । ମୋତେ ଫସାଇ ଦିଆଯାଇଛି । ଏସ୍ ?ଆଇଟି ମୋତେ ବାଡ଼େଇଛି ବୋଲି ସରୋଜ କହିଛି । ଆଜକୁ ୫ ମାସ ତଳେ ୫ ବର୍ଷର ଝିଅ ପରୀକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏଥିରେ ମନ୍ତ୍ରୀ ଅରୁଣ ସାହୁ ଓ ତାଙ୍କ ସହଯୋଗୀ ବାବୁଲିର ହାତ ଥିବା 'ପରୀ'ର ବାପା-ମାଆ ଅଭିଯୋଗ କରିଥିଲେ । ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ 'ପରୀ'ର ବାପା-ମାଆଙ୍କୁ ନାନା ହଇରାଣ କରୁଥିଲା । ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରୁନଥିଲା । ଅନ୍ୟପକ୍ଷରେ ପରୀଙ୍କ ମାଆଙ୍କୁ ପୁଲିସ ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା । ଏନେଇ ପରୀଙ୍କ ମାଆ ଅଭିଯୋଗ କରିଥିଲେ । ପୁଲିସ ପ୍ରଶାସନଠାରୁ ନିରାଶ ହେବା ପରେ 'ପରୀ'ର ବାପା-ମାଆ ଭୁବନେଶ୍ୱର ଚାଲି ଆସିଥିଲେ । ସେମାନେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଧମକ ଦେଇଥିଲେ । ତମ୍ପି ତୋଫାନ୍ ପରେ ରାଜ୍ୟ ସରକାର ଏସ୍ ?ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏବେ ଏହି ମାମଲାର ଏସ୍ଆଇଟି ତଦନ୍ତ ଚାଲିଛି । ଏସ୍ ?ଆଇଟି ତଦନ୍ତ କରି ପରୀ ହତ୍ୟା ମାମଲାରେ ଅଭିଯୁକ୍ତ ସରୋଜ ସେଠୀଙ୍କୁ ଗିରଫ କରିଥିଲା । ସରୋଜ ହତ୍ୟା ପରେ ପରୀକୁ ଦୁଷ୍କର୍ମ କରିଥିବା ଏସ୍ଆଇଟି ଅରୁଣ ବୋଥ୍ରା କହିଥିଲେ ।

### କେନ୍ଦ୍ର ଖଣି ଓ କୋଇଲା ମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

## ଅନୁଗୁଳ ନାଲକୋ ପ୍ଲାଂଟର ଉତ୍ପାଦନ କ୍ଷମତା ବାର୍ଷିକ ୧ ମିଲିୟନ ଟନ୍ ବୃଦ୍ଧି କରାଯାଉ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୦୪।୦୧ (ନି.ପ୍ର): ଅନୁଗୁଳ ଜିଲ୍ଲା ସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନି (ନାଲକୋ) ଆଲୁମିନିୟମ ଉତ୍ପାଦନ କ୍ଷମତା ବାର୍ଷିକ ୦.୪୬ ମିଲିୟନ ଟନରୁ ବାର୍ଷିକ କ୍ଷମତା ୧ ମିଲିୟନ ଟନ୍ ବୃଦ୍ଧି କରିବା ପାଇଁ କେନ୍ଦ୍ର ଖଣି, କୋଇଲା ଓ ସଂସଦ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଆଲୋଚନା କରିବା ପରେ ଏ ସମ୍ବନ୍ଧରେ ତାଙ୍କୁ ପତ୍ର ଲେଖି ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଅନୁଗୁଳ ଜିଲ୍ଲାର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଫିଡର କ୍ୟାପଟିଭ୍ ପାୱାର ପ୍ଲାଂଟ (ସିପିପି) ଆରମ୍ଭ କରିବାକୁ ମଧ୍ୟ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ନ୍ୟାସନାଲ ଆଲୁମିନିୟମ କମ୍ପାନି (ନାଲକୋ) ଏହାର ଉତ୍ପାଦନ କ୍ଷମତା ବାର୍ଷିକ ୦.୪୬ ମିଲିୟନ ଟନରୁ ୧ ମିଲିୟନ ଟନ୍ ବୃଦ୍ଧି କରିବା ପାଇଁ ଓଡିଶାର ଅନୁଗୁଳ ଜିଲ୍ଲାରେ ସେମାନଙ୍କ ଆଲୁମିନିୟମ ସ୍ମେଲଟର ପ୍ଲାଂଟ ପାଇଁ ଏକ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ଆରମ୍ଭ କରୁଛି । ଏହି ପ୍ରକଳ୍ପରେ ୧୪୦୦ ମେଗାୱାଟ ଫିଡର କ୍ୟାପଟିଭ୍ ପାୱାର ପ୍ଲାଂଟ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି । ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୨୨ ହଜାର କୋଟି ଥିବା ବେଳେ ଏହା ବର୍ତ୍ତମାନ ଜମି ଅଧିଗ୍ରହଣ ପର୍ଯ୍ୟାୟରେ ରହିଛି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ପଚ୍ଚାଙ୍ଗୀ ଖଣି କାର୍ଯ୍ୟକ୍ଷମ ହେବା ପରେ ନାଲକୋର

▶▶ପୃଷ୍ଠା ୭

## ଶପଥ ନେଲେ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ. ମୁରଲୀଧର



ଭୁବନେଶ୍ୱର,୦୪।୦୧ (ନି.ପ୍ର): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ନ୍ୟାୟମୂର୍ତ୍ତି ଏସ. ମୁରଲୀଧର ସୋମବାର ଦିନ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ସେ ଓଡ଼ିଶା ଏହି ଶପଥ ଗ୍ରହଣ ଉତ୍ସବରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଆଇନ୍ ମନ୍ତ୍ରୀ ପ୍ରତାପ ଜେନା, ପୁଲିସ୍ ମହାନିର୍ଦ୍ଦେଶକ ଅଭୟ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପଞ୍ଜାବ ଓ ହରିୟାନା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ନ୍ୟାୟମୂର୍ତ୍ତି ଏସ.ମୁରଲୀଧରଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲିଜିୟମ ସୁପାରିସ କରିଥିଲା । ଏହାପରେ ଗତ ଡିସେମ୍ବର ୩୧ ତାରିଖରେ ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରିଥିବା ନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ମାହାଙ୍ଗା ବିଜେପି ନେତା ହତ୍ୟା ଘଟଣା: ୮ରେ ଡିଜି ଅଫିସ୍ ଘେରାଉ

ଭୁବନେଶ୍ୱର,୦୪।୦୧ (ନି.ପ୍ର): ମାହାଙ୍ଗାର ବିଜେପି ନେତା କୁଳମଣି ବରାଳ ହତ୍ୟା ଘଟଣାରେ ରାଜ୍ୟବ୍ୟାପୀ ଜୋରଦାର ପ୍ରତିବାଦ କରିବ ବିଜେପି । ବିଜେପିର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଘଟଣାରେ ଜଡ଼ିତ ମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବିରେ ଆସନ୍ତାକାଲି ବିଜେପି ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ଥାନା ଘେରାଓ କରିବେ ଓ କରିବେ । ଜାନୁଆରୀ ୬ ତାରିଖରେ ବିଜେପିର କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ଏସପି ଅଫିସ ଘେରାଓ କରିବେ ଏବଂ ୮ ତାରିଖରେ ସରକାରଙ୍କ ବିରୋଧରେ ବିଜେପିର ୨୫ ହଜାର କାର୍ଯ୍ୟକର୍ତ୍ତା ଡିଜି ଅଫିସ ଘେରାଓ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

### ବ୍ରହ୍ମପୁର ରାମଲିଙ୍ଗେଶ୍ୱର ଜଳାଶୟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଲୋକାର୍ପିତ

## ଗଞ୍ଜାମ ତଥା ବ୍ରହ୍ମପୁରର ବିକାଶ କାର୍ଯ୍ୟ ଉପରେ ମୁଁ ତୀକ୍ଷ୍ଣ ନଜର ରଖିଛି : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୦୪।୦୧ (ନି.ପ୍ର): ରୂପାନ୍ତରର ଅନନ୍ୟ ଉଦାହରଣ ପାଲଟିଛି ବ୍ରହ୍ମପୁରର ରାମଲିଙ୍ଗେଶ୍ୱର ଜଳାଶୟ । ଅବ୍ୟବହୃତ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ପଡି ରହିଥିବା ଏହି ଜଳାଶୟ ଆଜି ବ୍ରହ୍ମପୁରରେ ପର୍ଯ୍ୟଟକ ମାନଙ୍କର ଆକର୍ଷଣୀୟ କେନ୍ଦ୍ର ବିନ୍ଦୁ ହୋଇପାରିଛି । ଚିତାକର୍ଷକ ଆତସବାଜି, ଶିବ ତାଣ୍ଡବ ସ୍ତୋତ୍ରର ତାଳେ ତାଳେ ଲେଜର ଲାଇଟ୍ ଓ

▶▶ପୃଷ୍ଠା ୭

## ଗୁଜୁରାଟର ଗସ୍ତରେ ଧର୍ମେନ୍ଦ୍ର

ସୁରତ/ଭୁବନେଶ୍ୱର,୦୪।୦୧ (ନି.ପ୍ର): କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ତଥା ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଗୁଜୁରାଟର ହାଜରା ଗସ୍ତରେ ଅଛନ୍ତି । ସେଠାରେ ସେ ଏଲ୍ ଏବଂ ଟି ର ଉତ୍ପାଦନ ୟୁନିଟ୍ ପରିଦର୍ଶନ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବଜ୍ର - କେଟି୯ ଟ୍ୟାଙ୍କ୍ ମଧ୍ୟ ଚଲାଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଦେଶରେ ପ୍ରତିରକ୍ଷା କୌଶଳକୁ ଅଭୁତପୂର୍ବ ପ୍ରୋତ୍ସାହନ ଦେଇଛନ୍ତି । ବଜ୍ର - କେଟି୯ ଟ୍ୟାଙ୍କ ଏହାର ପ୍ରମାଣ ଦେଉଛି । ରାଷ୍ଟ୍ରୀୟ ଗୌରବର ଇନ୍ଧନ ଏବଂ ଆମର ସେନାଙ୍କ ବୀରତ୍ୱରେ ଆଗକୁ ବଢ଼ୁଥିବା ଏହି ଟ୍ୟାଙ୍କକୁ ଚଲାଇ ଅତ୍ୟନ୍ତ ଗୌରବାନ୍ୱିତ ଅନୁଭବ କରୁଛି ।

## ଖବରକାଗଜ ଉପରେ କରୋନା ମାଡ଼




ଭୁବନେଶ୍ୱର,୦୪।୦୧ (ନି.ପ୍ର): କରୋନା ଭାଇରସ୍ ମହାମାରୀ ଯୋଗୁ ଅନେକ କ୍ଷତି ହୋଇଛି । ଛୋଟ ଠାରୁ ଆରମ୍ଭ କରି ଅନେକ ବଡ଼ ବଡ଼ ଶିଳ୍ପସଂସ୍ଥାଗୁଡ଼ିକ କରୋନା ଯୋଗୁ ପ୍ରଭାବିତ ହୋଇଛି । ତେବେ ଏଥିରୁ ବାଦ୍ ପଡ଼ିନି ଲୋକମାନଙ୍କ ସକାଳର ସାଥୀ ଖବର କାଗଜ । ଖବରକାଗଜ ଟିଏ ନମିଳିଲେ, ଲୋକେ ବାଉଳି ଚାଉଳି ହୁଅନ୍ତି । କିନ୍ତୁ କରୋନା ଆସିବା ଦିନଠାରୁ ଲୋକେ ଧୀରେ ଧୀରେ ଖବରକାଗଜଠାରୁ ଦୂରେଇବାରେ ଲାଗିଛନ୍ତି । କେବଳ ରାଜ୍ୟ କି ଦେଶରେ ନୁହେଁ, ବରଂ ପୂରା ବିଶ୍ୱରେ ଖବର କାଗଜ ବିକ୍ରି ବିଗିଡ଼ି ଯାଇଛି । ବିଶେଷକରି କରୋନା ଭୂତାଣୁ ସଂକ୍ରମଣର ଭୟ, ପେପର ଦର ବୃଦ୍ଧି ଏବଂ ମୋବାଇଲରେ ଇପେପର୍ ସହଜ ଉପଲବ୍ଧି ଏବେ ଲୋକଙ୍କୁ ଖବରକାଗଜଠାରୁ ଦୂରେଇ ଦେଇଛି । ଏମିତି ଓଡ଼ିଶାରେ ମଧ୍ୟ ଖବରକାଗଜ ପ୍ରସାରଣ ୫୦ ପ୍ରତିଶତରୁ ଅଧିକ କମିଥିବା ବିଶେଷଜ୍ଞ କହିଛନ୍ତି ।

▶▶ପୃଷ୍ଠା ୭

## ୨ ଦିନ ପର୍ଯ୍ୟନ୍ତ ଘନ କୁହୁଡି ସମ୍ଭାବନା



ଭୁବନେଶ୍ୱର,୦୪।୦୧ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ରାତିର ତାପମାତ୍ରାରେ ହ୍ରାସ ଘଟିବା ସହ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ମଙ୍ଗଳବାର ପାଇଁ ଘନ କୁହୁଡି ଦେଖାଦେବାକୁ ଥିବା ୫ ଟି ଜିଲ୍ଲାକୁ ଏବଂ ବୁଧବାର ପାଇଁ ୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସୂଚନା ଅନୁଯାୟୀ ସୋମବାର ମଧ୍ୟରାତ୍ରରୁ

▶▶ପୃଷ୍ଠା ୭

## ଶୂନ୍ୟ ସଂକ୍ରମଣର ଗ୍ୟାରେଂଟି ଦିଅନ୍ତୁ ସରକାର : ଅଭିଭାବକ ମହାସଂଘ

ଭୁବନେଶ୍ୱର,୦୪।୦୧ (ନି.ପ୍ର): ରାଜ୍ୟ ସରକାର ଆସନ୍ତା ୮ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ ସ୍କୁଲ ଖୋଲିବା ନିଷ୍ପତିକୁ ଓଡିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି । ଏଥିସହ ପିଲାମାନଙ୍କ ଶୂନ୍ୟ ସଂକ୍ରମଣର ଗ୍ୟାରେଂଟି ରାଜ୍ୟ ସରକାର ନେବାକୁ ଦାବୀ ଜଣାଇଛି । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି ଯେ ସରକାର ଯେମିତି ବାତ୍ୟା ଓ ବନ୍ୟା ସମୟରେ ଜିରୋ କାଜୁଆଲିଟିର ପଦକ୍ଷେପ ନେଇଥାନ୍ତି ,ସ୍କୁଲ ଖୋଲିବା କ୍ଷେତ୍ରରେ ମଧ ପିଲାମାନଙ୍କ ଓ ଅଭିଭାବକ ମାନଙ୍କ ସୁରକ୍ଷା କ୍ଷେତ୍ରରେ ଅନୁରୂପ ପଦକ୍ଷେପ ନିଅନ୍ତୁ । ସ୍ୱାସ୍ଥ୍ୟ ବିଭାଗର ତତ୍ତ୍ୱାବଧାନରେ ସ୍କୁଲରେ ପିଲାଙ୍କ ସୁସ୍ଥତା ଓ ପରିମଳ ପାଇଁ ଆବଶ୍ୟକତା ଅନୁଯାୟୀ ପଂଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ସହରାଂଚଳରେ ନଗର ଉନ୍ନୟନ ଓ ପୂର୍ତ୍ତ, ଜନସ୍ୱାସ୍ଥ୍ୟ ବିଭାଗ ସହ ପୋଲିସ ବିଭାଗକୁ ମଧ ଏଥିରେ ସାମିଲ କରି ପଦକ୍ଷେପ ନିଅନ୍ତୁ । ସମସ୍ତ ଦାୟିତ୍ୱ ସରକାର ନେବା ସହ ମାସ୍କ ଓ ସାନିଟାଇଜର ଆବଶ୍ୟକ ଅନୁଯାଇ ସରକାର ଯୋଗାଇବାକୁ ମହାସଂଘ ଦାବୀ କରିଛି । ଯେହେତୁ ପରୀକ୍ଷାର ତାରିଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିସାରିଛନ୍ତି ଓ ଶନିବାର ଓ ରବିବାର ସହିତ ଶହେ ଦିନର ପାଠ ପଢ଼ା ପାଇଁ ଘୋଷଣା ହୋଇଛି ତେଣୁ ଶିକ୍ଷକ ମାନଙ୍କୁ କେବଳ ପାଠ ପଢ଼ାଇବାର ଦାୟିତ୍ୱ ଦେବା ସହ ଅନ୍ୟାନ୍ୟ ସମସ୍ତ ଦାୟିତ୍ୱ ସରକାର ନେବାକୁ ପତ୍ର ଲେଖି ଦାବୀ କରିଛି ।

# ସ୍ୱର୍ଗତଃ ନିତ୍ୟାନନ୍ଦ ପଣ୍ଡାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭାର ଶୋକସଭା



ବାରିପଦା,୪।୧ (ନି.ପ୍ର): ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଂଜ ଶାଖାର ସଂପାଦକ ଭାଗବତ ପଣ୍ଡାଙ୍କ ପିତା ନିତ୍ୟାନନ୍ଦ ପଣ୍ଡାଙ୍କ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଏକ ସ୍ମୃତିଚାରଣ ସଭା ମହାସଭାର ସଭାପତି ଡା: ମହାଦେବ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମହାସଭାରେ ସୁଦର୍ଶନ ଦ୍ୱିବେଦ ଅଚ୍ୟୁତ ପ୍ରସାଦ ମହାପାତ୍ର, ଦୋଳଗୋବିନ୍ଦ ଦାଶ, ନରୋତ୍ତମ ପାଣିଗ୍ରାହୀ, ସିଦ୍ଧେଶ୍ୱର ଶତପଥୀ, ଦେବେନ୍ଦ୍ର ମହାପାତ୍ର, ବ୍ରଜକିଶୋର ଦାଶ, ନୃସିଂହ ଚରଣ ପଣ୍ଡା, ଗୋପୀନାଥ ପଣ୍ଡା, ଆଶୁତୋଷ ଆଚାର୍ଯ୍ୟ, ଅଙ୍କିତ ପାଣିଗ୍ରାହୀ, ଭଗବତୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସେ ଜଣେ ଶତାୟୁ ପୁରୁଷ ଥିଲେ । ଏବଂ ଜଣେ କର୍ମକାଣ୍ଡବିତ୍ ବ୍ରାହ୍ମଣ ଥିଲେ । ତତ୍‌ସହିତ ସମାଜସେବୀ ମଧ୍ୟ ଥିଲେ । ପ୍ରତିଦିନ ଗୀତା, ଭାଗବତ, ଚଣ୍ଡୀ ଇତ୍ୟାଦି ଧାର୍ମିକ ପୁସ୍ତକ ଅଧ୍ୟୟନ ତାଙ୍କର ମୂଳମନ୍ତ୍ର ଥିଲା । ଶେଷରେ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦଗତ ନିମନ୍ତେ ଭଗବାନଙ୍କଠାରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ପାରାଦୀପ ଏମଇଜି ପ୍ରକଳ୍ପ ପାଇଁ ହାଜରାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ହଜରା/ଭୁବନେଶ୍ୱର,୪।୧ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଗୁଜୁରାଟର ହାଜରା ଠାରୁ ଇଣ୍ଡିଆନ ଅଏଲର ବୃହତ ଏମଇଜି (ମୋନୋ ଏଥିଲିନ ଗ୍ଲାଇକୋଲ) ପ୍ଲାଂଟ୍ ପାଇଁ ପାରାଦୀପ ପର୍ଯ୍ୟନ୍ତ ଜାହାଜ ଯୋଗେ ଗୁରୁତ୍ୱପୂର୍ଣ୍ଣ ଉପକରଣ (କ୍ରିଟିକାଲ୍ ଇକ୍ୟୁଇପମେଂଟ୍) ଯଥା ଏଥିଲିନ୍ ଅକ୍ସାଇଡ୍ ରିଆକ୍ଟର, ୱାଶୱାର୍ ଏବଂ ଡିଥାଇଲେନାଇଜର ପଠାଇବାର ଫ୍ଲାଗ୍ ଅଫ୍ କରିଛନ୍ତି । ଏହି ସାମଗ୍ରୀର ଯୋଗାଣ ସହିତ ପାରାଦୀପ ଏମଇଜି ପ୍ରକଳ୍ପ ଏହାର କାର୍ଯ୍ୟକ୍ଷମ ହେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ ତଥା ଓଡ଼ିଶା ଏବଂ ଏହାର ପଡୋଶୀ ରାଜ୍ୟଗୁଡିକର ଆର୍ଥିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଟେକ୍ସଟାଇଲ, ଗାର୍ମେଂଟ୍ସ ଏବଂ ପ୍ୟାକେଜିଂ ଶିଳ୍ପ ଗୁଡ଼ିକ ଏମଇଜି ଚାହିଦାକୁ ଆଗକୁ ନେଇଥାଏ ଏବଂ ଭାରତ ହେଉଛି ଏମଇଜି ନେଟର ଆମଦାନୀକାରୀ । ପାରାଦୀପରେ ଇଣ୍ଡିଆନ୍ ଅଏଲର ଆଗାମୀ ଏମଇଜି ପ୍ଲାଂଟରୁ ସମ୍ପୂର୍ଣ୍ଣ ଉତ୍ପାଦନ ଘରୋଇ ଭାବରେ ଖର୍ଚ୍ଚ ହେବ ବୋଲି ଆଶା କରାଯାଉଛି । ପାରାଦୀପ କାରଖାନା ମଧ ଓଡିଶାର ଭଦ୍ରକ ଏବଂ ଧାମରା ଠାରେ ପ୍ରସ୍ତାବିତ ଟେକ୍ସଟାଇଲ୍ ପାର୍କ ପାଇଁ ସମ୍ପୂର୍ଣ୍ଣ ଏମଇଜି ଆବଶ୍ୟକତାକୁ ପୂରଣ କରିବ । ଏହା ପୂର୍ବ ଭାରତର ଟେକ୍ସଟାଇଲ ଶିଳ୍ପକୁ ଯଥେଷ୍ଟ ପ୍ରୋତ୍ସାହନ ଦେବ । ସ୍ଥାନୀୟ ଅର୍ଥନୀତିରେ ଏହି ପ୍ରକଳ୍ପର ସୁପ୍ରଭାବ ଉପରେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି, "ଟେକ୍ସଟାଇଲ୍ ୟୁନିଟ୍ ବିକଶିତ କରିବା ପାଇଁ ଓଡ଼ିଶାରେ ପ୍ରଚୁର କୁଶଳୀ ବୈଷୟିକ ମାନବସମ୍ବଳ ରହିଛି । କାରଣ ଓଡ଼ିଶାର ପ୍ରାୟ ୫ ଲକ୍ଷ ଲୋକ ଗୁଜୁରାଟର ସୁରଟରେ ଏହି ସମାନ ଶିଳ୍ପକୁ ଚଳାଉଛନ୍ତି । ତେଣୁ ପାରାଦୀପରେ ଏମଇଜି ପ୍ରକଳ୍ପର କାର୍ଯ୍ୟକ୍ଷମ ଏବଂ ପଲିଷ୍ଟର ସୂତା ୟୁନିଟ୍ ସହ ଏହି ପରିଶ୍ରମୀ ମାନବସମ୍ବଳ ଭଦ୍ରକ ଟେକ୍ସଟାଇଲ ପାର୍କର ଡ଼ାଉନଷ୍ଟ୍ରିମ ୟୁନିଟ ଏବଂ ଓଡ଼ିଶାର ଧାମରା ଠାରେ ପ୍ରସ୍ତାବିତ ସର୍ବବୃହତ ଟେକ୍ସଟାଇଲ୍ ପାର୍କରେ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ । ଭଦ୍ରକ ଟେକ୍ସଟାଇଲ ୟୁନିଟରେ ପ୍ରାୟ ୨ ହଜାର ଲୋକ ଏବଂ ଭଦ୍ରକ ଟେକ୍ସଟାଇଲ ପାର୍କର ଆନୁଷଙ୍ଗିକ ଶିଳ୍ପ ସଂସ୍ଥାରେ ଚାକିରି କରିବାର ସୁଯୋଗ ପାଇବେ । ସେହିପରି ପାରାଦୀପରୁ ଓଡ଼ିଶାର ଧାମରା ଠାରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କକୁ ଏମଇଜି ତଥା କଂଚାମାଲ ଆସି ଅନୁରୂପ ଭାବେ ଏହି ୟୁନିଟକୁ ପ୍ରୋତ୍ସାହନ ଦେବ ଏବଂ ନିର୍ଦ୍ଧାରିତ ସମୟ ମଧରେ ଅତିରିକ୍ତ ୨୦ ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି । ସୂଚନାଯୋଗ୍ୟ, ପଲିଏଥିଲିନ ଟେରେପାଥେଲେଟ୍ (ପିଇଟି), ପଲିଷ୍ଟର ଷ୍ଟାପଲ ଫାଇବର(ପିଏସଏଫ), ପଲିଷ୍ଟର ଫିଲାମେଂଟୟାର୍ଣ୍ଣ (ପିଏଫୱାଇ) ଏବଂ ଅନ୍ୟାନ୍ୟ ସମାନ ଉତ୍ପାଦର ଉତ୍ପାଦନ ପାଇଁ ମୋନୋ ଏଥିଲିନ ଗ୍ଲାଇକୋଲ ତଥା ଏମଇଜି କଂଚାମାଲ ଭାବରେ ବ୍ୟବହୃତ ହୁଏ ।

## ଡ଼ାକ୍ତରଙ୍କ ବାଇକ ଚୋରି

କୋରେଇ,୪।୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମହାବୀର କଲୋନୀରେ ରହୁଥିବା ଆୟୁର୍ବେଦିକ ଡ଼ାକ୍ତର ପ୍ରଶାନ୍ତ କୁମାର ନାୟକଙ୍କର ହୋଣ୍ଡା ୟୁନିକର୍ନ ବାଇକଟିକୁ ଶନିବାର ରାତିରେ କେହି ଦୁର୍ବୃତ ଚୋରି କରିନେଇଛି । ଶ୍ରୀ ନାୟକ ପାଣିକୋଇଲି ବଜାରରେ ଥିବା ଇପାରୀ ଗୋଲ୍ଡ ହାସ ସମ୍ମୁଖରେ ବାଇକଟିକୁ ରଖି ପାଖରେ ଥିବା ଏକ ଔଷଧ ଦୋକାନକୁ ଯାଇଥିବା ବେଳେ କେହି ଦୁର୍ବୃତ ତାଙ୍କର ବାଇକ (ଓଆର୦୯କ୍ୟୁ୧୫୮୭) ଟିକୁ ଚୋରୀ କରିନେଇଥିଲା । ଏ ନେଇ ଶ୍ରୀ ନାୟକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଆଳୁ , ପିଆଜ ବ୍ୟବସାୟୀ ମାନେ ଭେଟିଲେ ଜିଲ୍ଲାପାଳଙ୍କୁ

କେନ୍ଦ୍ରାପଡ଼ା,୪।୧ (ନି.ପ୍ର): କେନ୍ଦ୍ରାପଡାରେ ଆଳୁ ବ୍ୟବସାୟର ହୋଲସେଲିଂ କରୁଥିବା ବ୍ୟବସାୟୀ ମାନେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି । ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ କାର୍ଯ୍ୟାଳୟ ପରିସର ରେ ଏହି ବ୍ୟବସାୟୀ ମାନଙ୍କୁ ସ୍ଥାନ ଦିଆଯିବ ବୋଲି ଚିହ୍ନଟ କରାଯାଇ ଥିଲେ ମଧ ସେହି ସ୍ଥାନକୁ ନେଇ ବ୍ୟବସାୟୀଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି । ବଜାର କମିଟିର ପ୍ରବେଶ ପଥରେ ଏହି ଆଳୁ, ପିଆଜ ବ୍ୟବସାୟୀ ମାନଙ୍କୁ ବ୍ୟବସାୟ ପାଇଁ ଘର ଚିହ୍ନଟ ଦିଆଯାଇଛି । ମାତ୍ର ବ୍ୟବସାୟ ପାଇଁ ସେହିସ୍ଥାନ ଉପଯୁକ୍ତ ହେଉ ନଥିବା ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି । ଆଳୁ, ପିଆଜ, ରସୁଣ, ଅଦା ପ୍ରଭୃତି ସାମଗ୍ରୀ ଗୁଡିକ ଆସୁଥିବା ବଡ ବଡ ଟ୍ରକ ସ୍ଥାନ ଅଭାବରୁ ବ୍ୟବସାୟ ସ୍ଥଳରେ ଅନଲୋଡିଂ କରିପାରିବ ନାହିଁ । ତେଣୁ ନିୟନ୍ତ୍ରିତ ବଜାର କମିଟି ପରିସର ରେ ସ୍ଥାନ ପରିବର୍ତନ କରି ପାର୍କିଂ ପାଇଁ ସୁବିଧା ଥିବା ସ୍ଥାନରେ ଯାଗା ଯୋଗାଇ ଦେଇ ଗୋଦାମ ଗୃହ ନିର୍ମାଣ କରିବାକୁ ସୟଦ ଜୋହର ଅଲ୍ଲୀ, ସେକ ଲିଆକତ ଅଲ୍ଲୀ(ଆକା), ସୟଦ ଅହେଶାନ ଅଲ୍ଲୀ, ଭାଗିରଥୀ ସାହୁ, ସୟଦ ମୁସ୍ତାକ ଅଲ୍ଲୀ, ପ୍ରମୁଖ ବ୍ୟବସାୟୀ ମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ ।

# ଜାନୁଆରୀ ୨୬ ରୁ ୨୮ ପର୍ଯ୍ୟନ୍ତ ମୀରାବାଇ କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନ,୪।୧ (ନି.ପ୍ର): ଭୁବନ ର ସର୍ବପୁରାତନ କଳା ସଂସ୍କୃତି କେନ୍ଦ୍ର ମୀରାବାଇ କଳା ବିକାଶ କେନ୍ଦ୍ରର ବାର୍ଷିକଉତ୍ସବ ଆସନ୍ତା ୨୬ ତାରିଖ ଠାରୁ ୨୮ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବ । ଏଥି ନିମନ୍ତେ ଆଜି ଅପରାହ୍ନରେ କଳାବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ଗୁରୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜାନ୍ୟୁାରୀ ୨୬ ସକାଳେ ପ୍ରଭାତଫେରି ,ଜାତୀୟପତାକା ଉତୋଳନ ପରେ ବାର୍ଷିକଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା । ସରକାରଙ୍କ କୋଭିଡ ମାର୍ଗଦର୍ଶିକା ଅନୁଯାୟୀ ସର୍ବାଧିକ ୨୦୦ ଲୋକଙ୍କ ଉପସ୍ଥିତିରେ ଲୋକକଳା, ଲୋକନୃତ୍ୟ, ଭଜନ, ଦେଶାତ୍ମବୋଧକ ଗୀତ, ସମବେତ କଣ୍ଠ ସଙ୍ଗୀତ, ନୃତ୍ୟ ଓ ଅଭିନୟ ଇତ୍ୟାଦି କରାଯିବାକୁ ସ୍ଥିର ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ଲଳିତ କୁମାର ବେହେରା, ନାରାୟଣ ସାହୁ, ନିତ୍ୟାନନ୍ଦ ପରିଡା, ତୁଷାରକାନ୍ତି ମିଶ୍ର, ଶାନ୍ତନୁ ଦାଶ, ସୁରେନ୍ଦ୍ର କୁମାର ପୃଷ୍ଟି, ସତ୍ୟାନନ୍ଦ ପୃଷ୍ଟି, ଦୁଃଶାସନ ପୋଥାଳ, ବାସନ୍ତୀ ପୃଷ୍ଟି, ବିଳାସିନୀ ପୃଷ୍ଟି, ଅନାମ ସାହୁ, ବିଜୟ ସାହୁ, ଦୁଃଖବନ୍ଧୁ ସାହୁ, ନିର୍ମଳ ସେନାପତି, ହୃଷିକେଶ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସୁରପ୍ରତାପପୁର ମର୍ଡର କେଶରେ ୬ ଜଣ ମହିଳାଙ୍କ ସମେତ ୭ ଗିରଫ

ଭୁବନ,୪।୧ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମରେ ପୂର୍ବ ଶତୃତାକୁ ନେଇ ସଂଘବଦ୍ଧ ଆକ୍ରମଣରେ ଗତକାଲି ବିଜୟ ଗୁରୁ (୪୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣାରେ ପୋଲିସ ୬ ଜଣ ମହିଳାଙ୍କ ସମେତ ସମୁଦାୟ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି । ଆଇଆଇସି ଜିତେନ୍ଦ୍ର କୁମାର ସାହୁଙ୍କ ସହିତ ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ,ଏଏସଆଇ ପ୍ରଭାତ ନାୟକ, ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ ସୁରପ୍ରତାପପୁର ଗ୍ରାମକୁ ଯାଇ ଘଟଣାର ତଦନ୍ତ କରି ପ୍ରେମଲତା ବେହେରା, ଜ୍ୟୋସ୍ନା ବେହେରା, କବିତା ବେହେରା, ଖୁଲଣା ବେହେରା, ପ୍ରତିମା ବେହେରା, ସାବିତ୍ରୀ ବେହେରା ଓ ବେଣୁ ବେହେରାଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ପରେ କେଶ ନମ୍ବର-୦୩/୨୦୨୧ ରେ ମାମଲା ରୁଜୁକରି କୋର୍ଟଚାଲାଣ କରିଥଲେ ।

# ମାଗଣା ଏଲଇଡି ବଲ୍‌ବ ମିଳିନି : ପଖାନପଡାବାସୀଙ୍କ ଅଭିଯୋଗ

ନୂଆପଡା,୪।୧ (ନି.ପ୍ର): କେନ୍ଦ୍ର ଏବଂ ରାଜ୍ୟ ସରକାର ଗରିବ ଶ୍ରେଣୀର ପରିବାର ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଦାୟିତ୍ୱହୀନ କର୍ତବ୍ୟ ଯୋଗୁଁ ଅନେକ ହିତାଧିକାରୀ ଏହିସବୁ ମାଗଣା ଯୋଜନାରୁ ବଂଚିତ ହେଉଥିବା ଅଭିଯୋଗ କରିଛନ୍ତି । ଖଡିଆଳ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ପଂଚାୟତର ପଖାନପଡା ଗ୍ରାମବାସୀ ସରକାରଙ୍କ ତରଫରୁ ଗରିବ ପରିବାରଙ୍କୁ ଯୋଗାଇ ଦିଆଯାଉଥିବା ମାଗଣା ୪ ଗୋଟି ଏଲଇଡି ବଲ୍ ବ ପାଇନଥିବା ଅଭିଯୋଗ କରିଛନ୍ତି । ସୂଚନାମତେ ପଖାନପଡା ଗ୍ରାମର ଅନେକ ପରିବାର ମାଗଣା ଏଲଇଡି ବଲବ ପାଇନଥିବା ବେଳେ ସେମାନେ ସରପଂଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁନଥିବା ପ୍ରକାଶ କରିଛନ୍ତି । ପଂଚାୟତ ପାତରଅନ୍ତର କରି ମାଗଣା ବଲବ ବାଂଟୁଥିବା ପ୍ରକାଶ କରିଛନ୍ତି । ଏନେଇ କେନ୍ଦୁପାଟି ସରପଂଚ ଉର୍ବସୀ ପୋଡଙ୍କୁ ଯୋଗାଯୋଗ କରାଯିବାରୁ ବଲବ ଆସିନଥିବାରୁ ବଂଟାଯାଇନଥିବା ପ୍ରକାଶ କରିଥିଲେ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମାଗଣା ବଲବ ଯୋଗାଇ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଯୁବ ରେଡକ୍ରସ୍ ପକ୍ଷରୁ ଅଣ ତାଲିମ ପ୍ରାପ୍ତ ପରାମର୍ଶଦାତାମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୪।୧ (ନି.ପ୍ର): ଓଡିଶା ରାଜ୍ୟ ଶାଖାର ଯୁବ ରେଡ଼କ୍ରସ୍ ବିଭାଗ ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ୍ ଭବନ ଠାରେ ଏକ ୩ ଦିନିଆ ଯୁବ ରେଡକ୍ରସ୍ ର ଅଣ ତାଲିମ ପ୍ରାପ୍ତ ପରାମର୍ଶଦାତା ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୫ ଜଣ ଯୁବ ରେଡକ୍ରସ୍ ପରାମର୍ଶଦାତା ଅଂଶ ଗ୍ରହଣ କରିଛନ୍ତି ।ଏହି ତିନି ଦିନର ତାଲିମ କାର୍ଯ୍ୟକ୍ରମରେ ରେଡ଼କ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡ଼କ୍ରସ୍‌ର ଚିହ୍ନ ଏବଂ ଏହାର ବ୍ୟବହାର, ଏଡ଼ସ୍ ସଚେତନତା ଓ ରେଡ ରିବନ କ୍ଲବର କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ, ସଡକ ସୁରକ୍ଷାରେ ଯୁବ ରେଡ଼କ୍ରସ୍‌ର ଭୂମିକା, ଜଳ ପରିମଳ ଓ ସ୍ୱାସ୍ଥ୍ୟ, ବିପର୍ଯ୍ୟ ଜନିତ କ୍ଷୟ କ୍ଷତି ହ୍ରାସ କରିବା, ଜଳବାୟୁ ପରିବର୍ତନ ଓ ପରିବେଶ ସୁରକ୍ଷାରେ ଯୁବ ରେଡ଼କ୍ରସ ,ପରାମର୍ଶଦାତାର ଭୂମିକା ଇତ୍ୟାଦି ବିଷୟରେ ଯୁବ ରେଡକ୍ରସ୍ ପରାମର୍ଶଦାତାଙ୍କୁ ପ୍ରଶିକ୍ଷିତ କରାଯିବ । ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସୁଶ୍ରୀ ସିଟିଏମ୍ ସୁଗୁଣାଙ୍କ ଦିଗଦର୍ଶନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବରେ ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଓଡିଶାର ଯୁବ ରେଡକ୍ରସ୍ ପରାମର୍ଶଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାକ୍ତନ ମହିଳା କମିଶନ ସଦସ୍ୟା ତଥା ସାମାଜିକ କର୍ମୀ ଶ୍ରୀମତୀ ନମ୍ରତା ଚଢା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମାଜିକ ପରିବର୍ତନ ରେ ଯୁବ ରେଡକ୍ରସ୍‌ର ସଂପର୍କରେ ଆଲୋକପାତ କରିଥିଲେ । କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଥା ଯୁବ ରେଡକ୍ରସ ର ବିଭିନ୍ନ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଶ୍ରୀ ଗୋପାଳ କୃଷ୍ଣ ମିଶ୍ର, ଯୁବ ରେଡକ୍ରସ୍ ପରାମର୍ଶଦାତା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସୁଶୀଲ କୁମାର ପଟ୍ଟନାୟକ ଯୁବ ରେଡକ୍ରସ୍ ପରାମର୍ଶଦାତା କାର୍ଯ୍ୟକ୍ରମର ପରିଶେଷରେ ଧନ୍ୟବାଦ ଅର୍ପଣକରିଥିଲେ ।

# ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ : ୩୯୧.୫ ଲିଟର ମଦ ଜବତ, ୧୧ ଗିରଫ

ଗଞ୍ଜାମ,୪।୧ (ନି.ପ୍ର):ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ୨ ତାରିଖ ସକାଳ ଠାରୁ ୩ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୨୧ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୩୯୧.୫ ଲିଟର ମଦ ଜବତ ହୋଇଛି । ଘଟଣାରେ ୧୧ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୧୧ଟି ଅବକାରୀ ମାମଲା ଥାନାରେ ରୁଜୁ କରାଯାଇଛି ।

## ଜିଲ୍ଲା ସ୍ତରୀୟ କୌଶଳ ବିକାଶ ଯୋଜନା ପାଇଁ ଜିଲ୍ଲାସ୍ତରୀୟ ବୈଠକ

କେନ୍ଦ୍ରାପଡ଼ା,୪।୧ (ନି.ପ୍ର): ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା କର୍ମ ନିୟୋଜନ ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ । କୌଶଳ ବିକାଶ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଭା ଅନ୍ୱେଷଣ ଓ ଅଧିକ ଚାହିଦା ଥିବା ବିଭାଗ ଚୟନ କରିବା ପାଇଁ ଆଲୋଚନା କରାଯାଇ ଥିଲା । କେନ୍ଦ୍ରାପଡା ଜିଲ୍ଲାର ପାଣି ପାଇପ ମିସ୍ତ୍ରୀ ମନେ ସମଗ୍ର ବିଶ୍ୱରେ ନିଜର କାର୍ଯ୍ୟ କୁଶଳତା ପାଇଁ ସୁନାମ ଅର୍ଜନ କରିଥିବା ବେଳେ ସେହିଭଳି ଅନ୍ୟ ଟ୍ରେଡରେ ଚାହିଦା ଥିବା କାର୍ଯ୍ୟର କୌଶଳ ବିକାଶ ଘଟାଇବା ଉଦ୍ଦେଶ୍ୟରେ ସର୍ଭେ କରାଯିବା ।ପଇଁ ନିଷ୍ପତି ଗ୍ରହଣ କରାଯାଇଛି । ଟେଲରିଂ, ଫିଟର, ଶାଢୀ ଓ କପଡା ଡିଜାଇନିଂ ଆଦି ବିଭାଗରେ କୌଶଳ ଶିଖିବା ପାଇଁ ଅଧିକ ଚାହିଦା ଥିବା ବୈଠକରୁ ଜଣା ପଡିଥିଲା ।

# ସାହିତ୍ୟ ଓ ସଂଗୀତର ଯୁଗଳବନ୍ଦୀ ଶ୍ରୀଉତ୍ସବ ଆୟୋଜିତ

## ଶ୍ରୀରୂପା ପବ୍ଲିକେସନ୍ ଡଟ୍ କମ୍ ଉନ୍ମୋଚିତ ଏଣିକି ଅନଲାଇନରେ ମିଳିବ ଶ୍ରୀରୂପାର ବହି



ଭବାନୀପାଟଣା,୪।୧ (ନି.ପ୍ର): ପୁସ୍ତକ ପ୍ରକାଶନ ସଂସ୍ଥା ଶ୍ରୀରୂପା ପବ୍ଲିକେସନ୍ ପକ୍ଷରୁ ସାହିତ୍ୟ ଓ ସଂଗୀତକୁ ନେଇ 'ଶ୍ରୀଉତ୍ସବ' ଆୟୋଜିତ ହୋଇଯାଇଛି । ସ୍ଥାନୀୟ ରାମନଗର ପଡ଼ା ଗୋଲାପ ବାଗନା ଠାରେ ଆୟୋଜିତ ଉତ୍ସବରେ 'ଶ୍ରୀରୂପା'ର ନିର୍ଦ୍ଦେଶିକା ଜାନକୀ ସାହୁ ଅଧକ୍ଷତା କରିଥିବା ବେଳେ 'ସାହିତ୍ୟ କଥା' ପତ୍ରିକାର ସଂପାଦକ ସଙ୍କିତ ରତେ, 'ମହୁରି' ପତ୍ରିକାର ମୁଖ୍ୟ ସଂପାଦକ ଭବାନୀ ଶଙ୍କର ନିଆଲ, ବିଶିଷ୍ଟ କବି ନିରୋଜ ପଟ୍ଟନାୟକ, ବିଶିଷ୍ଟ କବୀ ସ୍ନେହଲତା ଷଡ଼ଙ୍ଗୀ, ସଙ୍ଗୀତଜ୍ଞ ମନୋଜ କୁମାର ମୁଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ୱେବସାଇଟ୍ ଶ୍ରୀରୂପା ପବ୍ଲିକେସନ୍ ଡଟ୍ କମ୍ (www.srirupapublication.com) ଉନ୍ମୋଚିତ ହୋଇଥିଲା । ୱେବସାଇଟ୍ ନିର୍ମାତା 'କୋଡ୍ କେନନ୍' ଏହାକୁ ଡିଜାଇନ୍ କରିଥିବା ବେଳେ ଏହା ମାଧମରେ ପାଠକମାନେ ଘରେ ଥାଇ ଅନଲାଇନରେ ବହି ମଗାଇ ପାରିବେ ବୋଲି ନିର୍ଦ୍ଦେଶିକା ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି । ଏହି ଅବସରରେ ଆୟୋଜିତ ଭଜନ ସନ୍ଧ୍ୟାରେ ସୁକନ୍ୟା ଦାସ, ସାବିତ୍ରୀ ମହାରଣା, ଶିବାନୀ ପଟ୍ଟନାୟକ, ସାଇ ସୁନୈନା ମୁଣ୍ଡ ଓ ପଙ୍କଜ ତାଣ୍ଡେ କଣ୍ଠଦାନ କରିଥିବା ବେଳେ ଲିଲେଶ କୁମାର ସାହୁ, ସୁପ୍ରଭାତ ଚଲାନ ଓ ସୁବାସ ପଟ୍ଟନାୟକ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ନ୍ୟୁଜ୍ ପୋର୍ଟାଲ୍ 'ଓଡ଼ିଆ ବାର୍ତ୍ତା' ଓ 'ସୂର୍ଯ୍ୟକାନ୍ତି ଟିଭି' ପକ୍ଷରୁ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ଯୁବ କଳାକାର ଡିଲେଶ୍ୱର ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୁବ ଗାଳ୍ପିକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କବି ଦକ୍ଷ ସାହୁ, ଗୀତାଞ୍ଜଳି ବେହେରା, ଦୀପକ ବାଗ ପ୍ରମୁଖ ସହଯୋଗ କରିଥିଲେ ।

## କୌଣସି ପ୍ରକାର ରାଜନୈତିକ ହିଂସାକାଣ୍ଡକୁ ପ୍ରଶୟ ଦେଇନାହୁଁ : ବିଜେଡି

ଭୁବନେଶ୍ୱର,୪।୧ (ନି.ପ୍ର): ବିଜେଡି କୌଣସି ପ୍ରକାର ରାଜନୈତିକ ହିଂସାକାଣ୍ଡକୁ ପ୍ରଶୟ ଦିଏ ନାହିଁ ଏବଂ ମାହାଙ୍ଗା ଘଟଣାରେ ମଧ ଦୋଷୀଙ୍କୁ ଛଡାଯିବ ନାହିଁ । ଏହି ହତ୍ୟାକାଣ୍ଡ ପଛର ପ୍ରକୃତ ଘଟଣା ଜାଣିବା ପାଇଁ ତଦନ୍ତକୁ ଅପେକ୍ଷା କରାଯାଉଛି ବୋଲି ବିଜେଡି ମୁଖପାତ୍ର ଚିନ୍ମୟ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସେ କହିଛନ୍ତି ଯେ ରାଜନୈତିକ ହିଂସା କ୍ଷେତ୍ରରେ ଓଡିଶା ସରକାର ଜିରୋ ଟଲେରାନ୍ସ ନୀତି ଗ୍ରହଣ କରିଛନ୍ତି । ଅନ୍ୟ ରାଜ୍ୟରେ ଶାସନ କରୁଥିବା ଦଳଗୁଡିକ ବ୍ୟାପକ ରାଜନୈତିକ ହିଂସାରେ ମାତି ଥିବାରୁ ସେମାନେ ଓଡିଶା ସରକାରଙ୍କୁ ସମାଲୋଚନା କରିବା ଉଚିତ୍ ନୁହେଁ । ଏନସିଆରବିର 'କ୍ରାଇମ ଇନ ଇଣ୍ଡିଆ ୨୦୧୯' ରିପୋର୍ଟ ଅନୁଯାୟୀ ସେହିବର୍ଷ ଓଡିଶାରେ ଗୋଟିଏ ହେଲେ ରାଜନୈତକ ହିଂସା ଘଟିନାହିଁ । ୨୦୧୯ରେ ପଶ୍ଚିମବଙ୍ଗରେ ୧୨ଟି ରାଜନୈତିକ ହତ୍ୟାକାଣ୍ଡ ଘଟିଥିବାବେଳେ ବିହାରରେ ୬ଟି ଏବଂ ଝାଡଖଣ୍ଡ, କର୍ଣ୍ଣାଟକ ଓ ପଞ୍ଜାବରେ ୪ଟି କରି ରାଜନୈତିକ ହତ୍ୟାକାଣ୍ଡ ଘଟିଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି ।

# ୯ ମାସ ପରେ ଖୋଲିଲା ତିଖାଲି ଡ୍ୟାମର ପାର୍କ

ନୂଆପଡା,୪।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତିଖାଲି ଡ୍ୟାମ ପାର୍କ ଦୀର୍ଘ ୯ ମାସ ପରେ ରବିବାର ଖୋଲିଅଛି । ମହାମାରୀ କୋଭିଡ କଟକଣା କାରଣରୁ ଡ୍ୟାମ ସହ ପାର୍କ ବନ୍ଦ ରହିଥିଲା । ଆଜି ପାର୍କ ଖୋଲିବା ପରେ ହଜାର ସଂଖ୍ୟକ ପର୍ଯ୍ୟଟକ ତିଖାଲି ଡ୍ୟାମ ବୁଲି ଦେଖିବା ସହ ପାର୍କରେ ମଜା ନେଇଥିଲେ । ଚଳିତ ଜାନୁଆରୀ ୧ ତାରିଖ ଦିନ ମଧ୍ୟ କୋଭିଡ କଟକଣା କାରଣରୁ ଡ୍ୟାମ ଓ ପାର୍କ ବନ୍ଦ ରହିଥିଲା । ଯାହାଫଳରେ ପର୍ଯ୍ୟଟକ ମାନଙ୍କ ମଧ୍ୟରେ ନିରାଶାଭାବ ଦେଖାଦେଇଥିଲା । ଆଜି ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଭୋଜିଭାତ କରିବା ସହ ପାର୍କରେ ମଜା ନେଇଥିଲେ । ବିଶେଷକରି ନୂଆପଡା ଜିଲ୍ଲା ସହ ପଡୋଶୀ ବଲାଙ୍ଗିର, ବରଗଡ, କଳାହାଣ୍ଡି ସହ ଛତିଶଗଡ ରାଜ୍ୟର ପର୍ଯ୍ୟଟକ ଆସିଥିବା ସୂଚନା ମିଳିଥିଲା । ଦୀର୍ଘ ୯ ମାସ ପରେ ପାର୍କ ଖୋଲିଥିବାରୁ ବିଶେଷକରି ଛାତ୍ରଛାତ୍ରୀ, ଶିଶୁ ମାନେ ବେଶ ଖୁସି ରହିଥିବା ପରିଲକ୍ଷିତ ହୋଇଥିଲା ।

# ବୈଚିତ୍ର୍ୟ ଭରା ବାରଣ୍ଡା

ବାରଣ୍ଡା ବିନା ଘର ଅସମ୍ପୂର୍ଣ୍ଣ ଲାଗେ । ପ୍ରେମ ଭରା ରୋମାଣ୍ଟିକ ମୁହୂର୍ତ୍ତ ହେଉ କି ଅବସାଦ କିମ୍ୱା ଏକୁଟିଆ ରହିବା ପାଇଁ ବାରଣ୍ଡା ଖୁବ ଭଲ ସ୍ଥାନ । ଜାଣନ୍ତୁ ବାରଣ୍ଡା ସଜାଇବାର କିଛି ବିଶେଷ ଉଦାହରଣ ।



୧ ଦ୍ୱିତୀୟ ମହଲା ସହ ଲାଗିଥିବା ବାରଣ୍ଡାରେ ପହଞ୍ଚିବା ପାଇଁ ଦୁଇ ତିନିଟି ଶିଡ଼ି ଓହ୍ଲାଇବାକୁ ପଷଡ଼ । ତେବେ ଏହାର ଆକୃତି ଦେଖିଲା ଭଳି । ସାଙ୍ଗମାନଙ୍କ ସହିତ ଚା' ଓ ଖୁସିଗପ ପାଇଁ ଏଇ ବାରଣ୍ଡା ବିଲକୁଲ ଫିଟ୍ ।

୨ ଟିକେ ନିରୋଳାରେ ରହିବାକୁ ଇଚ୍ଛା ହେଉଛି ? ବାରଣ୍ଡାରେ ବସି ସହରର ଦୃଶ୍ୟ ଦେଖି ଏକାକୀତ୍ୱକୁ ଉପଭୋଗ କରନ୍ତୁ ।

୩ ଖୁବ ଛୋଟ ବାରଣ୍ଡା । କାନ୍ଥରେ ଉଜ୍ଜ୍ୱଳ ହଳଦିଆ ରଙ୍ଗ ତଥା ପ୍ରକୃତିର ହାଲକା ସ୍ପର୍ଶ ଅବସାଦ ଦୂରେଇ ମନକୁ ସତେଜ କରିବ ।

୪ ଅର୍ଦ୍ଧ ଚନ୍ଦ୍ରାକାର ବାରଣ୍ଡା ଚାରିପଟେ ଗଛର ମେଳା ! ସକାଳୁ ବାମ୍ପଉଠା ଚା' କପଟିଏ ହାତରେ ଧରି ବସିଲେ ଦିନସାରା ସତେଜ ଲାଗିବ ।

୫- ଲିଭିଂ ରୁମକୁ ଲାଗି ରହିଛି ଏଇ ଛୋଟ ବାରଣ୍ଡା । ରୁମ ଓ ବାରଣ୍ଡା ମଝିରେ ରହିଛି ସ୍ଲାଇଡିଂ ଡୋର । କାଠର ପାର୍ଟିଶନ, ପାରମ୍ପରିକ ଚେୟାର ଓ ସବୁଜିମାରେ ଭରା ବାରଣ୍ଡା ଆପଣଙ୍କ ଜୀବନର ଆବେଗମୟ କ୍ଷଣକୁ ଉଜ୍ଜୀବିତ କରିବ ।

୬- ଲିଭିଂ ରୁମର ଏକ୍ସଟେନ୍‌ଶନ୍ ଭାବରେ ତିଆରି ହୋଇଛି ଏଇ ବାରଣ୍ଡା । କାଚର ସ୍ଲାଇଡିଂ ଡୋର ହେଲା ବିଭାଜିକା । ଘରେ ବସି ସାଙ୍ଗ ସାଥୀମାନଙ୍କ ସହିତ ଖୁସିଗପ ହେବା ସାଙ୍ଗକୁ ସହରର ଦୃଶ୍ୟକୁ ଉପଭୋଗ କରିବାର ଏକ ନିଆରା ବ୍ୟବସ୍ଥା ।

୭- ବାରଣ୍ଡାରେ ନୂଆ ମାତ୍ରା ଆଣିଛି ଏକ ଦୋଳି । ଏକୁଟିଆ କିମ୍ୱା ଦୁହେଁ ମିଶି ଅବସର ସମୟ ବିତାଇବା ପାଇଁ ଏହାଠାରୁ ଉପାୟ ଆଉ କ'ଣ ହୋଇପାରେ !

# ୩ଗୁଣ ବଢ଼ିବ ହୃଦ୍ ସମସ୍ୟା

୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା- -ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରେ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ



ଅଧ୍ୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଲେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା । ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ ଜଣାପଡ଼ିଲା । ଅଧ୍ୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

# କ୍ୟାମେରା ଲାଗିଥିବା ଟୁଥ୍‌ବ୍ରଶ

ସମସ୍ତ ଦରକାରୀ ଜିନିଷ ଯେମିତିକି ଫ୍ୟାନ୍, ପାନିଆ, ବ୍ୟାଗ, ହେୟାରବ୍ୟାଣ୍ଡ ଆଦିରେ ଛୋଟ ଭିଡିଓ କ୍ୟାମେରା ଲାଗିବାର ଆମେ ଶୁଣୁଛେ । ମାତ୍ର ଏବେ ସିଏଟଲ୍ କମ୍ପାନୀ ଏପରି ଏକ ଟୁଥ୍‌ବ୍ରଶ୍ ଲଞ୍ଚ କରିଛି, ଯେଉଁଥିରେ ଏକ ଛୋଟ ଭିଡିଓ କ୍ୟାମେରା ରହିଛି । ଏଥିରେ ବ୍ରଶ୍ କଲେ ପାଟି ଭିତରକୁ ଆମେ ସୁବିଧାରେ ଦେଖିପାରିବା । ଲୌସ 'ପ୍ରୋଫିକ୍ସ'ନାମକ ଏହି ଟୁଥ୍‌ବ୍ରଶ୍ ୱିଲ୍‌ମେଟ୍ ଆମେରିକାର ଦନ୍ତ ଚିକିତ୍ସକ



କ୍ରେଗ କୋହଲର ପ୍ରସ୍ତୁତ କରିଛନ୍ତି । ଏହି ବ୍ରଶ ଏବେ ବଜାରରେ ଡିସ୍‌କାଉଣ୍ଟରେ ୨୯୯ ଆମେରିକା ଡଲାରରେ ଉପଲବ୍‌ଧ ହେବ । ୨୦୧୭ରେ ଏହା ବଜାରରେ ୩୯୯ଡଲାରରେ ମିଳିବ । ଏହି ଟୁଥ୍‌ବ୍ରଶରେ ମଧ ସ୍ମାର୍ଟଫୋନ୍‌କୁ ଭିଡିଓକୁ ପଠାଇବାକୁ ୱାଇଫାଇ ଏବଂ ବ୍ଲୁଟୁଥ୍ ଉପଲବ୍ଧ ଅଛି । ଦନ୍ତ ଚିକିତ୍ସକଙ୍କ କହିବା ଅନୁଯାୟୀ ଏହା ଦ୍ୱା। ଆପଣ ଆପଣଙ୍କ ପାଟି ଭିତରର କୋଣ ଅନୁକୋଣ ଦେଖିପାରିବେ ଓ କେଉଁଠି କେତେ ସଫା ହୋଇଛି ମଧ ଜାଣିପାରିବେ ।

# ମେଦ ହ୍ରାସ ପାଇଁ ସ୍କିପିଙ୍ଗ

ଦଉଡ଼ିଡିଆଁ ବା ସ୍କିପିଂ ଏକ ଉତ୍ତମ ବ୍ୟାୟାମ । ଏହା ଦ୍ୱାରା ଅଧିକ କାଲୋରି ଖର୍ଚ୍ଚ ହେବା ସହ ମେଦ ନଷ୍ଟ ହୁଏ । ହୃତପିଣ୍ଡ ଓ ଫୁସଫୁସର କାର୍ଯ୍ୟ-କ୍ଷମତା ବଢ଼େ । ପେଶୀ ଶକ୍ତିଶାଳୀ ହୁଏ । ପ୍ରଥମେ ଦୁଇ ଗୋଡ଼ରେ ଡେଇଁ ସ୍କିପିଂ ଅଭ୍ୟାସ କରନ୍ତୁ । ପ୍ରଥମ ପନ୍ଦର ଦିନ, ଦୈନିକ ପନ୍ଦର ମିନିଟ୍ ଯେତେ ସଂଭବ ଅଭ୍ୟାସ କରନ୍ତୁ । ତାହା ପରେ ଆଉ ପନ୍ଦର ଦିନ, ଥରକେ ତିରିଶ ସେକେଣ୍ଡ ପରେ ଦଶ ସେକେଣ୍ଡ ବିଶ୍ରାମ, ଏହି ପରି କରନ୍ତୁ । ତାହା ପରେ ତିରିଶ ଦିନ, ଥରକେ ନବେ ସେକେଣ୍ଡ ପରେ ତିରିଶ ସେକେଣ୍ଡ ବିଶ୍ରମ, ଏହି ପରି ଆଠ ସେଟ୍ ଅଭ୍ୟାସ କରନ୍ତୁ । ଏହି ହାରରେ ବଢ଼ାଇ ଆଠ ମାସ ଭିତରେ ଥରକେ ତିନି ମିନିଟ୍ ଡେଇଁ, ଏକ ମିନିଟ ବିଶ୍ରାମ ସହ ଆଠ ସେଟ୍ ଅଭ୍ୟାସ କରନ୍ତୁ । ସ୍କିପିଂ ପରେ ଥରକେ ଯେତେ ସଂଭବ ପୁସ୍-ଅପ୍ ପାଞ୍ଚ ସେଟ୍ ମାରନ୍ତୁ । ସପ୍ତାହରେ ପାଞ୍ଚ ଦିନ ଏହା ଅଭ୍ୟାସ ସହ ଖାଦ୍ୟ-ପାନୀୟ ବାବଦରେ ସତର୍କତା ଅବଲମ୍ବନ କଲେ ଆଠ ମାସରେ ଓଜନ ପନ୍ଦର-ଅଠର କିଲୋଗ୍ରାମ କମିବ । ଆରାମଦାୟକ ଜୋତା ପିନ୍ଧି, ଧୂଳି ଉଠୁ ନଥିବା ସ୍ଥାନରେ ସ୍କିପିଂ କରନ୍ତୁ । ଏଥିପାଇଁ ଉଚ୍ଚ ମାନର ସ୍କିପିଂ ରୋପ୍ ବ୍ୟବହାର କରନ୍ତୁ । ଖଞ୍ଜାରେ ସମସ୍ୟା, ହାନିଆ, ପ୍ରୋସ୍‌ଟ୍ରେଟ୍, ହୃଦରୋଗ ଆଦି ଥିଲେ, ଚିକିତ୍ସକଙ୍କ ପରାମର୍ଶ ବିନା ସ୍କିପିଂ କରିବେନାହିଁ ।



# ମହିଳାଙ୍କ ଅଭିଶାପ କାରଣରୁ କୌଣସି ଘରେ ନାହିଁ ଦ୍ୱିତୀୟ ମହଲା

ରାଜସ୍ଥାନର ଚୁରୁସ୍ଥିତ ଉହସ୍‌ଡର ନାମକ ଏକ ଗାଁ ଯାହା ଆଜି ବି ଚର୍ଚ୍ଚାରେ । ବଡ଼କଥା ହେଉଛି ଏହି ଗାଁରେ କୌଣସି ବ୍ୟକ୍ତିଙ୍କର ଘରେ ଦ୍ୱିତୀୟ ମହଲା ନାହିଁ । ଆଉ ଏହା ପଛର କାରଣ ହେଉଛି ଜଣେ ମହିଳାଙ୍କ ଅଭିଶାପ । ୭୦୦ ବର୍ଷ ପୁରୁଣା ଏହି ଗାଁକୁ ଆଜି ବି ବାହର ରାଜ୍ୟର ଲୋକେ ବୁଲିବାକୁ ଆସିଥାନ୍ତି । ସୂଚନା ଅନୁସାରେ ୭୦୦ବର୍ଷ ତଳେ ଏହି ଗାଁରେ ଭୋମିୟା ନାକ ଜଣେ ବ୍ୟକ୍ତି ରହୁଥିଲେ । ଥରେ ଗାଁ କୁ କିଛି ଚୋର ପ୍ରବେଶ କରି ପଶୁମାନଙ୍କୁ ଚୋରି କରିବା ଆମ୍ଭ କରିଥିଲେ । ଭୋମିୟା ଏହି ଚୋର ମାନଙ୍କୁ ରୋକିବାର ଚେଷ୍ଟା କରି ଗୁରୁତର ଆହତ ହୋଇଥିଲେ । ପରେ ସେ ଲୁଚି ନିଜ ଶଶୁର ଘରକୁ ପଳାଇଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି



ଯାଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଇଥିଲେ । ଯେତେବେଳେ ଏହି ଚୋରମାନେ ତାଙ୍କ ଶଶୁର ଘରେ ପହଞ୍ଚି ଅନ୍ୟମାନଙ୍କୁ ପିଟିବା ଆରମ୍ଭ କଲେ ସେତେବେଳେ ଶଶୁର ଘର ଲୋକେ ଭୋମିୟା ଉପରମହଲାରେ ଥିବା କହିଥିଲେ । ଚୋରମାନେ ଭୋମିୟାଙ୍କ ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲେ । ଭୋମିୟା ହାର ମାନିଥିଲେ କଟାମୁଣ୍ଡକୁ ଧରି ସେ ଉଡସର ଗ୍ରାମକୁ ଆସିଥିଲେ । ଆଉ ଗ୍ରାମରେ ତାଙ୍କର ମୃତ୍ୟୁ ହୋଇଥିଲା । ଭୋମିୟାଙ୍କ ପତ୍ନୀ ଏହାପରେ ଗ୍ରାମକୁ ଅଭିଶାପ ଦେଇ କହିଥିଲେ ଯେ, ଆଜିଠାରୁ ଗ୍ରାମରେ କୌଣସି ବ୍ୟକ୍ତି ନିଜ ଘରେ ଦ୍ୱିତୀୟ ମହଲା କରିବେ ନାହିଁ । ପରେ ସେ ସତୀ ହୋଇଯାଇଥିଲେ । ସେବେଠାରୁ ଆଜିପର୍ଯ୍ୟନ୍ତ ଗ୍ରାମରେ କେହି ଦ୍ୱିତୀୟ ମହଲା କରିନାହାଁନ୍ତି ।

# ଗୋଲଘରର କାହାଣୀ

ଭାରତ ଉପରେ ଇଂରେଜମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ଏ ସମୟରେ ଭାରତ ଯେଉଁଠି ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିଥିଲା, ସେଠାରେ ଇଂରେଜମାନେ କିଛି ଐତିହାସିକ କାର୍ଯ୍ୟ କରିଥିଲେ । ଏମିତି ଏକ କାର୍ଯ୍ୟର ଉଦାହରଣ ରହିଛି ବିହାରର ପାଟନା ସହରରେ । ଏଠାରେ ତତ୍କାଳୀନ ବ୍ରିଟିଶ ସରକାର ୧୭୭୦ରେ ପଡ଼ିଥିବା ଭୟଙ୍କର ଅକାଳରୁ ରକ୍ଷା ପାଇବାକୁ ଏକ ଗୋଲଘରର ନିର୍ମାଣ କରିଥିଲେ । ଏହି ଗୋଲଘର ନିର୍ମାଣ ସେତେବେଳେହୋଇଥିଲା ଯେତେବେଳେ ଭାରତରେ ଲକ୍ଷ ଲକ୍ଷ ନାଗରିକ ଭୟାନକ ମରୁଡ଼ିର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଥିଲେ । ୨୯ ମିଟର ଉଚ୍ଚ ଏହି ଗୋଲଘରର ନିର୍ମାଣ ଗଭର୍ଣ୍ଣର ଜେନେରାଲ ୱାରେନ ହାଷ୍ଟିଙ୍ଗସଙ୍କ ନିର୍ଦ୍ଦେଶରେ କ୍ୟାପଟେନ ଜନ ଗାର୍ଷ୍ଟିନ କରିଥିଲେ । ଏହାର ନିର୍ମାଣ ୧୭୮୪ରେ ଆରମ୍ଭ ହୋଇ ୧୭୮୬ରେ ଶେଷ ହୋଇଥିଲା ।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ କଳାକାର

ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ସେହି ବ୍ୟକ୍ତିବିଶେଷ ହୁଅନ୍ତି ଯିଏ ଅସାଧାରଣ ହୋଇଥିବେ । ଗିନିଜ୍ ରେକର୍ଡରେ ନାଁ ସାମିଲ ହେବା ପରେ ସେ ବ୍ୟକ୍ତି ବା ମହିଳା ସର୍ବସାଧାରଣରେ ଜଣାଯାନ୍ତି । କିନ୍ତୁ ଆପଣ କ'ଣ ଜାଣିଛନ୍ତି କିଛି ଚର୍ଚ୍ଚିତ ଲୋକ ଏହି ରେକର୍ଡ ଲିଷ୍ଟରେ ଜଡ଼ିତ ବୋଲି ! ତେବେ ଆସନ୍ତୁ ଜାଣିବା ସହି ବହୁଚର୍ଚ୍ଚିତ ବା ବେଶ୍ ଜଣାଶୁଣା କଳାକାରଙ୍କ ବିଷୟରେ ଯେଉଁମାନେ ନିଜ କଳା ବଳରେ ଲୋକଙ୍କ ଭଲପାଇବାର ହକଦାର ହୋଇଛନ୍ତି ଓ ନିଜ କାମ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡର ତାଲିକାରେ ସାମିଲ ହୋଇଛନ୍ତି ।



## ସମୀର ଅନଜାନ

ଗୀତିକାର ସମୀର ଅନଜାନ୍ ବଲିଉଡ୍ ଇଣ୍ଡଷ୍ଟ୍ରୀର ବେଶ୍ ଜଣାଶୁଣା । ତେବେ ସମୀର ଅନ୍ୟ ଗୀତିକାରଙ୍କ ତୁଳନାରେ ସଂଖ୍ୟାଧିକ ଗୀତ ଲେଖି ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ହୋଇଛନ୍ତି । ସମୀରଙ୍କ ୩୦ ବର୍ଷର ଫିଲ୍ମି କ୍ୟାରିୟରେ ସେ ପାଖାପାଖି ୬୫୦ ଫିଲ୍ମରେ ୪୦୦୦ଗୀତ ଲେଖିଛନ୍ତି । ସମୀରଙ୍କୁ ପ୍ରତ୍ୟେକ ଫିଲ୍ମ ନିର୍ଦ୍ଦେଶକ ନିଜ ଫିଲ୍ମ ପାଇଁ ସବୁ ଗୀତ ଲେଖିବାକୁ କହୁଥିଲେ, ଏବେ କିନ୍ତୁ ର୍‍ୟାପରମାନଙ୍କ ପ୍ରବେଶ ଯୋଗୁ ଫିଲ୍ମରେ ସମୀରଙ୍କ ଗୀତ ଟିକେ କମିଯାଇଛି ଇଣ୍ଡଷ୍ଟ୍ରୀରେ ।

## ଜଗଦୀଶ ରାଜ



୧୯୨୮ରେ ବ୍ରିଟିଶ ଶାସନ ସମୟରେ ଅଭିନେତା ଜଗଦୀଶ ରାଜ ରାଗୋଧାରେ ଜନ୍ମଗ୍ରହଣ କରିଥିଲେ । ଜଗଦୀଶ ର୍ବିମୋଟ ୧୪୪ ଟି ଫିଲ୍ମରେ ପୋଲିସ ଚରିତ୍ରରେ ଅଭିନୟ କରିବା କାରଣରୁ ତାଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି । ୮୫ ବର୍ଷ ବୟସରେ ଜଗଦୀଶ ଇହଲୀଳା ସମ୍ବରଣ କରିଥିଲେ ।

## ଅଭିଷେକ ବଚ୍ଚନ



ବଲିଉଡରେ ବି ଅମିତାଭ ବଚ୍ଚନଙ୍କ ସୁପୁତ୍ର ଅଭିଷେକ ବଚ୍ଚନ । ଫିଲ୍ମି କ୍ୟାରିୟର ସେତେ ସଫଳ ନ ହେଲେ ମଧ ଅଭିଷେକଙ୍କ ଫ୍ୟାନ ଫଲୋୟର୍ସ କିଛି କମ ନୁହନ୍ତି । ତେବେ ଏହି ମହାଶୟଙ୍କ ନା ଗିନିଜ ୱାଲର୍ଡ ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରିବାର କାରଣ ହେଉଛି ଅଭିଷେକ ୧୨ଘଣ୍ଟା ଭିତରେ ଅନ୍ୟ ସେଲିବ୍ରିଟିଙ୍କ ତୁଳନାରେ ସର୍ବାଧିକ ଥର ଜନସାଧାରଣଙ୍କ ସମ୍ମୁଖକୁ ଆସିଛନ୍ତି । ଏହା ବ୍ୟତୀତ ଅଭିଷେକ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାଏଙ୍କୁ ବିବାହ କରି ମଧ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ସାରିଛନ୍ତି ।

## କପୁର ଫ୍ୟାମିଲି



ପିଢ଼ି ପରେ ପିଢ଼ି ଲଗାତାର ଚାରି ପିଢ଼ି ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଅଭିନୟ କରି ଆସୁଛନ୍ତି । କପୁର ପରିବାରର ସଦସ୍ୟ ଅଭିନୟ, ନିର୍ଦ୍ଦେଶନା ପ୍ରଯୋଜନା ଆଦି କ୍ଷେତ୍ରରେ ବଲିଉଡ୍ ସହିତ ଜଡ଼ିତ । ପୃଥିରାଜ କପୁର, କପୁର ପରିବାରର ପ୍ରଥମ ସଦସ୍ୟ ଯେ ହିନ୍ଦୀ ଫିଲ୍ମରେ କାମ କରିଥିଲେ । ୧୯୯୯ ମସିହାଡାରୁ ବଲିଉଡର କପୁର ପରିବାର ପାଖରେ ଲାର୍ଜେଷ୍ଟ ସ୍କ୍ରିନ୍ ଫ୍ୟାମିଲି ହେବାର ରେକର୍ଡ ରହିଛି ।

## କୁମାର ସାନୁ

କଣ୍ଠଶିଳ୍ପୀ ସାନୁ ଯେ ଫିଲ୍ମ ଫେୟାରଆୱାର୍ଡରେ ପାଞ୍ଚଥର ବେଷ୍ଟ ପ୍ଲେ ବ୍ୟାକ୍ ସିଙ୍ଗରର ଟାଇଟଲ ହାସଲ କରିଛନ୍ତି । କୁମାର ସାନୁ ହେଉଛନ୍ତି ଗୋଟିଏ ମାତ୍ର ଗାୟକ ଯେ ମାତ୍ର ଗୋଟିଏ ଦିନରେ ୨୮ଟି ଗୀତ ରେକର୍ଡ କରିଛନ୍ତି । ଗୀତ ରେକର୍ଡ କରି କୁମାର ସାନୁ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାଁକୁ ସାମିଲ କରିପାରିଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମିଳିଲା ଟିକାକୁ ଅନୁମତି...

କରୋନା ମହାମାରୀ ଓ ଏହାର ସଂକ୍ରମଣ ଘେନି ଦୀର୍ଘଦିନ ଧରି ଲାଗି ରହିଥିବା ଆଶା ଆଶଙ୍କା ମଧ୍ୟରେ ଏବେ ଆଶାର ଆଲୋକ ଦେଖିବାକୁ ମିଳିଛି। ବିଶେଷଜ୍ଞ କମିଟିଙ୍କ ସୁପାରିସ ଅନୁସାରେ, ଭାରତୀୟ ଭେଷଜ ମହାନିୟନ୍ତ୍ରକ (ଡିଜିସିଆଇ) ଦେଶରେ ଦୁଇଟି କରୋନା ପ୍ରତିଷେଧକ ଟିକାର ଜରୁରି ସ୍ଥିତିରେ ବ୍ୟବହାର ଲାଗି ଅନୁମତି ପ୍ରଦାନ କରିଛନ୍ତି। ଏହି ଦୁଇଟି ଟିକା 'ଅକ୍ସଫୋର୍ଡ଼-ଆଷ୍ଟ୍ରା ଜେନୋକା ଏବଂ ଭାରତ ବାୟୋଟେକ'ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ପ୍ରଥମ ଟିକାଟିର ନାମ 'କୋଭିସିଲସ' ଏବଂ ଭାରତ ବାୟୋଟେକ ଦ୍ୱାରା ବିକଶିତ ଘଟାଯାଇଥିବା ଟିକାର ନାମ 'କୋଭାକ୍ସିନ୍'। ତେବେ କେବଳ ରୋଗୀଙ୍କ ଅବସ୍ଥା ଦେଖି ଏବଂ ଜରୁରି ପରିସ୍ଥିତିରେ ହିଁ ଏହାକୁ ବ୍ୟବହାର କରିବା ନିମନ୍ତେ ଅନୁମତି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ କେଇ ସପ୍ତାହ ତଳେ ଏହି ଦୁଇ ପ୍ରତିଷ୍ଠାନକୁ ଗସ୍ତ କରି ସେଠାରେ ଚାଲିଥିବା ଟିକା ପ୍ରସ୍ତୁତିର ଯେଉଁ ବିସ୍ତୃତ ସମୀକ୍ଷା କରିଥିଲେ, ସେଥିରୁ ଅନୁମାନ କରାଯାଉଥିଲା ଯେ ଟିକା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିସାରିଛି। କେବଳ ଭାରତ ନୁହେଁ, ବିଶ୍ୱର ଯେକୌଣସି ଉନ୍ନତ ରାଷ୍ଟ୍ରରେ ଏବେ ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଇତିମଧ୍ୟରେ ଆମେରିକା, ବ୍ରିଟେନ, ଚୀନ, ରୁଷିଆ ଆଦି ରାଷ୍ଟ୍ରରେ ଏଭଳି ଟିକା ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇ ସାରିଲାଣି। କାରଣ, କେବଳ କୋଭିଡ-୧୯ ମହାମାରୀ ବିଶ୍ୱବ୍ୟାପୀ ଯେଉଁଭଳି ଆତଙ୍କ ରଚିଥିଲା, ଏହାର ଏକାଧିକ ନୂତନ ତଥା ପରିବର୍ତ୍ତିତ ସ୍ୱରୂପ (ଷ୍ଟ୍ରେନ୍) ବ୍ରିଟେନ ଓ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଭୟ ଖେଳାଇବା ଆରମ୍ଭ କରିସାରିଛି। ଆମ ଦେଶରେ ମଧ୍ୟ ବ୍ରିଟେନ ଫେରନ୍ତା ନାଗରିକଙ୍କଠାରେ ଏଭଳି ରୋଗର ଲକ୍ଷଣ ଚିହ୍ନଟ ହୋଇ ସାରିଲାଣି। ଆଶ୍ୱସ୍ତିର କଥା ଯେ, ଆଇସିଏମଆରର ବିଜ୍ଞାନୀମାନେ ଏହି ଭୂତାଣୁର ଗୁଣସୂତ୍ରକୁ ଚିହ୍ନିବାରେ ସକ୍ଷମ ହୋଇପାରିଛନ୍ତି। ଯେହେତୁ ମୂଳ କରୋନା ଭୂତାଣୁଠାରୁ ପରିବର୍ତ୍ତିତ ନୂତନ ଭୂତାଣୁ ଅଧିକ ସଂକ୍ରମଣଶୀଳ ଓ ଘାତକ। ସମସ୍ତଙ୍କ ମନରେ ଏହାକୁ ନେଇ ଆଶଙ୍କା ଦେଖାଦେବା ସ୍ୱାଭାବିକ। ଏପରିସ୍ଥଳେ ପ୍ରତିଷେଧକ ଟିକାର ବିକାଶ ପ୍ରକୃତରେ ଈଶ୍ୱରଙ୍କ ଆଶୀର୍ବାଦ ସଦୃଶ। ଏଥିପାଇଁ ଦେଶବ୍ୟାପୀ ଏକାଧିକ ପର୍ଯ୍ୟାୟ ଅଭ୍ୟାସ ଟିକାଦାନ (ଡ୍ରାଏରନ୍) ମଧ୍ୟ କରାଯାଉଛି। ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ୧୩୦କୋଟିରୁ ଅଧିକ ଲୋକଙ୍କ ସକାଶେ କରୋନା ପ୍ରତିଷେଧକ ଟିକା ଉତ୍ପାଦନ, ଭଣ୍ଡାରକରଣ, ବିତରଣ ଓ ପ୍ରଦାନ ବାସ୍ତବିକ ମସ୍ତବଡ଼ ଚାଲେଂଜ। ପୁଣି ବସନ୍ତ, ହଇଜା, ମିଳିମିଳା, ପୋଲିଓ ଟିକାଠାରୁ ଏହା ଭିନ୍ନ। କାରଣ, ଏହି ଟିକା ସମସ୍ତଙ୍କ ପାଇଁ ଆବଶ୍ୟକ। କିନ୍ତୁ ଜରୁରି ଆବଶ୍ୟକତା ସ୍ଥଳେ ଏହାକୁ ଦିଆଯିବା ପାଇଁ ଅନୁମତି ମିଳିବାର ଅର୍ଥ ହୋଇପାରେ, ପ୍ରଥମେ ବ୍ୟାପକ ଭାବେ ନଦେଇ ଟିକାର ପାର୍ଶ୍ୱପ୍ରତିକ୍ରିୟା ଟିକା ଗ୍ରହଣକାରୀମାନଙ୍କ ଉପରେ କିଭଳି ରହୁଛି, ତାହା ଅନୁଧ୍ୟାନ କରିବା। ପ୍ରତ୍ୟେକ ସଂକ୍ରାମକ ରୋଗର ପ୍ରତିଷେଧକ ଟିକା ପାଇଁ ଏହା ଏକ ନିର୍ଦ୍ଧାରିତ ବ୍ୟବସ୍ଥା। ଧୀରେ ଧୀରେ ଏହାର ପାର୍ଶ୍ୱପ୍ରତିକ୍ରିୟା ରହିଛି ଅବା ନାହିଁ, ପୁଣି ଯଦି ଥାଏ ତାହାକୁ କିପରି ଭାବେ ଦୂର କରାଯାଇ ପାରିବ ସେସବୁ ଚିକିତ୍ସା ବିଜ୍ଞାନୀମାନେ ଦୂର କରିପାରିବେ। କିନ୍ତୁ ଆଶା କରିବା କଥା, କରୋନା ଭୂତାଣୁର ନୂତନ କାୟା ଯେପରି ମାନବ ସମାଜକୁ ଆକ୍ରାନ୍ତ ନକରେ। ତାହା ଯେକୌଣସି ରାଷ୍ଟ୍ରରେ ହୋଇଥାଉ ନା କାହିଁକି। ଆଜିର ଦ୍ରୁତ ଚଳନଶୀଳ ବିଶ୍ୱରେ ପ୍ରତ୍ୟେକ ରାଷ୍ଟ୍ରର ଅନ୍ୟ ରାଷ୍ଟ୍ରମାନଙ୍କ ସହ ଏକାଧିକ ଦୃଷ୍ଟିରୁ ସଂପର୍କ ରହିଛି। ଚୀନର ଉହାନ ନଗରୀରୁ ମୁଣ୍ଡ ଟେକିଥିବା ସୂକ୍ଷ୍ମ ଭୂତାଣୁଟି ଯଦି ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିପାରେ, ଏହାଠାରୁ ସୃଷ୍ଟ ନୂତନ ଭୂତାଣୁର ଯେ ଅନୁରୂପ କ୍ଷମତା ରହିବ ତାହା ଅନସ୍ୱୀକାର୍ଯ୍ୟ। ତେଣୁ ସଂକ୍ରମଣକୁ ରୋକିବା ନିମନ୍ତେ ସତର୍କତା ଅବଲମ୍ବନ ଓ ପ୍ରତିଷେଧକ ଟିକା ଗ୍ରହଣ ସହ ନିଜକୁ ସୀମିତ ପରିବେଶ ମଧ୍ୟରେ ଆବଦ୍ଧ କରି ରଖିବା ହିଁ ସମୟୋଚିତ ଯଥାର୍ଥ ପଦକ୍ଷେପ ହେବ। ଆଧୁନିକ ବିଜ୍ଞାନ ମଧ୍ୟ ପ୍ରକୃତିର ଏଭଳି ଅଦୃଶ୍ୟ ବିପଦକୁ ସାମ୍ନା କରିବା ନିମନ୍ତେ ଗଳଦ୍‌ଘର୍ମ। ତେଣୁ କରୋନା ଓ ଏହାର ପରିବର୍ତ୍ତିତ କାୟା ପ୍ରତି ସାବଧାନ ରହିବା ହିଁ ସୁରକ୍ଷାର ଏକମାତ୍ର ସାଧନ।

# ସତରେ କ'ଣ ଆମେ ଭୋକରେ ରହୁଛେ ?



ଇଂ. ବିଦ୍ୟାଧର ପଣ୍ଡା

(ପୂର୍ବ ପ୍ରକାଶିତ ଉତ୍ତାରୁ)

କିଛି ପଦ୍ମଫୁଲିଆ ନେତା କହୁଛନ୍ତି ଯେ ଅନ୍ୟଦେଶ ପାଇଁ ଏବକାର ଡାଟା ବ୍ୟବହାର କରାଯାଇଥିବା ବେଳେ ଆମଦେଶର ପୁରୁଣା ୨୦୧୨-୧୩ ମସିହାର ଡାଟା

ବ୍ୟବହାର କରି ଏପରି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ଛାଡନ୍ତୁ ସେ ତର୍କ ବିତର୍କ କଥା। ସେ ରିପୋର୍ଟରେ ଆମ ଭାରତର ସ୍କୋରିଂ ୨୧.୯ ଥିବାବେଳେ ଆମ ରାଜ୍ୟର ୩୧.୪ ଅଛି। ଆମ ନେତାମାନଙ୍କ ପାଇଁ ଖୁସିର ବିଷୟ ଯେ ଆମ ତଳକୁ ବିହାର ଅଛି। ନୀତି ନିୟମ ତିଆରି କରିବା ଅଧିକାଂଶ ଲୋକ ସବୁ ସହରରେ ରହୁଥିବାରୁ ଆମ ଲୋକେ କିଛି ଭୋକରେ ରହୁଥିବା କଥା ତାଙ୍କର ଆଦୌ ବିଶ୍ୱାସ ହେଉନି। ଆଗରୁ ଯାହା ଥିଲା ଥିଲା, କିନ୍ତୁ ଏହି କରୋନା ଭୂତାଣୁ ଗ୍ରାସ କରିବା ପରେ ତର୍ଜମା କଲେ ଜଣାଯାଏ ଗାଁ ଗହଳିର ଅବସ୍ଥା ଏବେ ଅତି ଶୋଚନୀୟ। ଅନେକ ଲୋକଙ୍କୁ ତିନିଓଳି ପେଟପୂରା ଖାଇବାକୁ ମିଳୁନି। ଦିନ ମଜୁରିଆମାନେ ପ୍ରାୟ ତିନିମାସେ ଘରେ ବସି ଯାଇଥିଲେ, ସେମାନଙ୍କୁ ଯାହା ସରକାରୀ ସାହାଯ୍ୟ ମିଳିଲା ତାହା ପରିବାର ପାଇଁ ପର୍ଯ୍ୟାପ୍ତ ନୁହେଁ। ମହାନଦୀ କୂଳରେ ଅବସ୍ଥିତ ଆମ ଗାଁର ଟିକିନଖି ଖବର ଜଣାଥିବାରୁ ମୁଁ ପାଠକମାନଙ୍କ ଅବଗତି ନିମନ୍ତେ ଏତିକି ପ୍ରକାଶ କରିପାରେ ଯେ ଏବେ ବି ଆମ ଗହଣରେ କିଛି ଲୋକ ଭୋକରେ ଶୋଇବା ଦୃଷ୍ଟାନ୍ତ ନିଶ୍ଚିତ ଭାବରେ ରହିଛି। ଲୋକମାନେ ଜମିଜୁମା ପଡିଆ ରଖି ପାଖରେ ଗଢି ଉଠିଥିବା କଳକାରଖାନାରେ ଦିନମଜୁରିଆ ଭାବେ କାମ କରି ଚଳୁଥିଲେ। କିନ୍ତୁ ହଠାତ୍ କଳ କାରଖାନା ବନ୍ଦ ହୋଇଯିବା ପରେ ସେମାନେ ହାତବାନ୍ଧି ଘରେ ବସିଗଲେ। ତେଣୁ ପରିବାରର ଆର୍ଥିକ ଅବସ୍ଥା ବିଗିଡିଗଲା। ଏବେ ନାଁ ଚାଷ କରିପାରୁଛନ୍ତି ନା କଳକାରଖାନାରେ କାମ ମିଳୁଛି! କେତେକ କାରଖାନା କାମ ଆରମ୍ଭ କରିଥିଲେ ମଧ ସମ୍ପୂର୍ଣ୍ଣ ପୁରୁଣା ଅବସ୍ଥାକୁ ଏପର୍ଯ୍ୟନ୍ତ ଫେରିପାରିନି। ଆମ ଦେଶର ଗରିବି ଭୁକମାରିର ପ୍ରଧାନ କାରଣ। ବୋଝ ଉପରେ ଲଳିତା ବିଡା ପରି ଆକାଶ ଛୁଆଁ ଦରଦାମ ଏବେ ଲୋକମାନଙ୍କୁ ଆଉରି ବେଶୀ ହଇରାଣ କରୁଛି। ପରିବାପତ୍ରର ଦାମ ଦୁଇ ତିନିଗୁଣ ବଢିଯାଇଛି। ଗରିବଙ୍କ ପ୍ରମୁଖ ପରିବା ଆଳୁ କିଲୋ ଚାଳିଶଟଙ୍କା, ପିଆଜ ସତୁରି ଟଙ୍କା ହେଲା ବେଳକୁ ମାଗଣା କଂଚା ଲଙ୍କା ମାଗିଲେ ପରିବା ଦୋକାନି ମୁହଁ ମୋଡି ଦେଉଛନ୍ତି। ମୋ ନିଜର ଗୋଟେ ବଦ ଅଭ୍ୟାସ ହେଲା ଶହେ ଦେଢଶହ ଟଙ୍କାର ପରିବା କିଣିବା ପରେ ମାଗଣା କଂଚାଲଙ୍କା ମୁଠାଏ ନଆଣିଲେ ମନ ଶାନ୍ତି ହୁଏନି। ଏବେ କିନ୍ତୁ କେହି ବେପାରି ସେଥିରେ ଆଉ ରାଜି ନୁହଁନ୍ତି, କଂଚାଲଙ୍କା ପଚାଶଗ୍ରାମକୁ ଦଶଟଙ୍କା ହିସାବରେ ଯୋଡୁଛନ୍ତି। ହାଟପାଳିକୁ ପାଳି ଦୋକାନି ବଦଳେଇ ବଦଳେଇ ସବୁ ଦୋକାନ ସରିଲାଣି। ପୁରୁଣା ଅଭ୍ୟାସ ମାଗଣା କଂଚାଲଙ୍କା ନମାଗି ଏବେ ବାଧରେ ଦଶଟଙ୍କା ଦେଇ କିଣିବା ନୂଆ ଅଭ୍ୟାସ କରିବାକୁ ପଡିଛି, ହେଲେ ମନ ମାନୁନି। ନିକଟ ଭବିଷ୍ୟତରେ ଏହା ଏବେ ତଳକୁ ଆସିବା ପରି ଦିଶୁନି। ସାଧାରଣ ଜିନିଷ ସହ ପିଆଜ ରସୁଣ ଆଳୁ ପରି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ନିୟନ୍ତ୍ରଣ କଲେ ଗରିବ ଲୋକମାନଙ୍କର ଦୁଃଖ ଅନେକାଂଶରେ ଲାଘବ ହୁଅନ୍ତା। ବିଶ୍ୱବ୍ୟାଙ୍କର ତଥ୍ୟାନୁସାରେ ଏବେ ଆମଦେଶରେ ୧୨ ପ୍ରତିଶତ ଏପରି ଅଛନ୍ତି ଯାହାଙ୍କର ଖାଦ୍ୟାଭାସ ଭିନ୍ନ। ପୃଷ୍ଟିକର କି ନୁହେଁ ତାହା ପରକଥା, ସେଥିରେ କିଛି ଅଖାଦ୍ୟ ଗୁଳୁଣ୍ଡାଶାଗ, ଟାକୁଆ ଯାଉ ପରି ଜିନିଷ ମଧ ଅଛି। ୨୦୧୫ମସିହାରେ ଗୋଟିଏ ଆନ୍ତର୍ଜାତୀୟ ସଂସ୍ଥା (Mixed Modified Mixed Reference Period - MMRP) ଏକ ସର୍ଭେ କରି ତଥ୍ୟ ରଖିଛନ୍ତି, ଯାହାକି ଚିନ୍ତାଜନକ। ବିଶେଷକରି ଏହା ଅନୁନ୍ନତ ପଛୁଆ ପହାଡି ଅଂଚଳ ଏବଂ ଅନୁସୁଚିତ ଜନଜାତି ମାନଙ୍କୁ ଅତ୍ୟଧିକ ପ୍ରଭାବିତ କରୁଛି। ସମନ୍ୱିତ ଶିଶୁ ବିକାଶ ଯୋଜନା (Integrated Child Development Services - ICDS) ଏବଂ ଜାତୀୟ ଗ୍ରାମିଣ ସ୍ୱାସ୍ଥ୍ୟ ମିଶନ (National Health Mission - NHM) ଆଦି ଏବେ ଭଲକାମ କରୁଛନ୍ତି, ତଥାପି ତାଙ୍କ ଅଗୋଚରରେ ନଗଡା ପରି ଅନେକ ଜାଗା ଏବେ ବି ରହିଯାଉଛି। ଯଦି ଖାଦ୍ୟ ଶସ୍ୟଗୁଡିକର ଦରଦାମ ଏମିତି ଆଗକୁ ସବୁଦିନ ପାଇଁ ରହେ, ତେବେ ଆମେ ଦେଶ ଏବଂ ରାଜ୍ୟରେ ଆଉରି ଅନେକ ଲୋକ ଏହି ଭୋକିଲା ଚିଠାରେ ଆପେ ଆପେ ଯୋଡି ହୋଇଯିବେ। ତେଣୁ ସରକାରଙ୍କ ପକ୍ଷରୁ ତୁରନ୍ତ କିଛି ପଦକ୍ଷେପ ଏବେ ନିଆଯିବା ଅନିବାର୍ଯ୍ୟ।

୨୦୧୭ମସିହାରେ ନୀତି ଆୟୋଗ ଜାତୀୟ ପୃଷ୍ଟିକରଣ ରଣନୀତି ମାଧ୍ୟମରେ ଲୋକମାନଙ୍କର ପୌଷ୍ଟିକ ଖାଦ୍ୟର ବିବରଣି ସଂଗ୍ରହ କରିବାକୁ ଆରମ୍ଭ କରି ଅନେକ ଆଶ୍ଚର୍ଯ୍ୟ ଜନକ ତଥ୍ୟ ଲୋକଲୋଚନକୁ ଆଣିଲେ। ଏହା ଅନେକ ଜାଗାରେ ଫଳପ୍ରଦ ହେବାରୁ ଶିଶୁମୃତ୍ୟୁ ହାରରେ ମଧ ଫରକ ପଡିଲା। ଗର୍ଭବତୀ ମହିଳାମାନେ ଅନେକାଂଶରେ ଉପକୃତ ହେବାର ଦେଖାଗଲା। ଆଶା ଦିଦିମାନେ କେବଳ ମହିଳା ଏବଂ ଛୁଆ ମାନଙ୍କ ପାଇଁ କାର୍ଯ୍ୟ କରି ସେମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ। ଏବେ ଜତୀୟ ସ୍ତରରେ ୨୦୨୨ ମସିହା ଭିତରେ କୁପୋଷଣ ମୁକ୍ତ ଭାରତ (India free from malnutrition) ନିର୍ମାଣ କରିବା ଦିଗରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନ୍ୟାୟ(ଘଣଇଣଇ) ଯୋଜନା ମାଧମରେ କେତେକ ବୁଦ୍ଧିଜୀବୀ ଆଶା କରୁଛନ୍ତି ଆମେ ଦେଶର ସମସ୍ତ ଜଣସାଧାରଣଙ୍କ ପାଇଁ ଖାଦ୍ୟ ସୁରକ୍ଷା ଦେବାକୁ ସମର୍ଥ ହେବା। ୨୦୨୨ ମସିହା ଆସି ସରିବାକୁ ମାତ୍ର ଦୁଇବର୍ଷ ସମୟ ବାକି ଅଛି। ଯଦିଓ ଅସମ୍ଭବ ବୋଲି କିଛି ନାହିଁ, ତଥାପି ଏ କରୋନା କାଳର ଅବ୍ୟବସ୍ଥା ଏବଂ ଗତିବିଧି ଦେଖିଲା ପରେ ସବୁରି ମନରେ ସନ୍ଦେହ ହେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ୨୦୧୭ ମସିହା ନଭେମ୍ବର ୩୦ ତାରିଖରେ ଏକ ଜାତୀୟ ପୃଷ୍ଟିକରଣ ଲକ୍ଷ୍ୟ ନାଁ ରେ ନଅ ହଜାର ଛୟାଳିଶ କୋଟି ସତର ଲକ୍ଷ ଟଙ୍କାର ବଜେଟ ସଂରକ୍ଷିତ ରଖାଯାଇ କାମ ଚାଲିଛି। ଗତବର୍ଷ ସୁଧା ତିନିଶହ ପନ୍ଦର ଜିଲ୍ଲାରେ ସୁଫଳ ଆସିଛି ବୋଲି ସରକାରଙ୍କ ତରଫରୁ ଦାବି କରାଯାଉଛି, ଯାହା ପ୍ରାୟ ଅର୍ଦ୍ଧାଧିକ। ବାକି ଅଧାକୁ ଟିକେ ମନ ଲଗେଇ ବାବୁମାନେ ପରିଶ୍ରମ କଲେ ସମ୍ଭବ ହୋଇପାରେ, ଯାହା ସମୟ କହିବ।

୨୦୧୩ମସିହା ସେପ୍ଟେମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନି ପାରିତ ହୋଇଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହା ଥିଲା ପ୍ରଥମ ବଡ ପଦକ୍ଷେପ। ଏହି ଆଇନିର ମହତ ଉଦ୍ଦେଶ୍ୟ ଥାଇ ମଧ ସବୁ ରାଜନୈତିକ ଦଳର ଶତ ପ୍ରତିଶତ ସହଯୋଗ ମିଳିଲାନି। କିଛି ପରିବାର ଯୋଗ୍ୟ ଥାଇ ମଧ ସେମାନଙ୍କୁ ଏହି ଆଇନିର ପରିସର ଭିତରେ ରଖି ଯଥୋଚିତ ସାହାଯ୍ୟ କରିବାରେ ଆମଦେଶର ପ୍ରଶାସନ ସମର୍ଥ ହେଲାନି, ତେଣୁ ସେମାନେ ପ୍ରକୃତ ସୁବିଧା ସୁଯୋଗରୁ ବଂଚିତ ହେବା ଫଳରେ ଆମଦେଶର ଭୋକିଲା ଏବଂ ପୃଷ୍ଟିହୀନତା ସୂଚକାଙ୍କ ଗୁଡିକ ପ୍ରଭାବିତ ହେବା ସ୍ୱାଭାବିକ୍ କଥା। ଏବେ ଆଜିର ବିଶ୍ୱ ମାନଚିତ୍ରରେ ଆମଭାରତକୁ ଗୋଟିଏ ଉନ୍ନତଦେଶ ବୋଲି ପ୍ରତିଷ୍ଠା କରିବା ପୂର୍ବରୁ ପ୍ରଥମେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଏହି ଖାଦ୍ୟ ସୁରକ୍ଷା ଆଇନିରେ ଅନ୍ତର୍ଭୁକ୍ତ କରି ସୁଷମ ଖାଦ୍ୟର ବିଶେଷ ଅଧିକାର ଦେବା ଅନିବାର୍ଯ୍ୟ। ଆମ ଦେଶରେ ନୀତି ନିୟମ ଯଥେଷ୍ଟ ଅଛି, କିନ୍ତୁ ଏହାକୁ ଲାଗୁକରିବାରେ ସେମିତି ଆ'ରିକତା କିଛି ଦେଖାଯାଉନି। ଯାହାଫଳରେ ଭଲ ନିୟମଗୁଡିକର ସୁଫଳ ଆମକୁ ମିଳୁନି। ଆମ ଓଡିଶାର ଗରିବି ସୂଚୀରେ ଏବେ ୩୨.୫୯ଅଙ୍କ, ଯାହାକି ଭାରତ ସଂଦର୍ଭରେ ୨୧.୯୨। ବିହାରରେ ଏହି ସଂଖ୍ୟା ଆମଠାରୁ ଆଉରି ଖରାପ, ତାହା ୩୩.୭୪। ଏସବୁ ବିଷୟରେ ସତ୍ୟାସତ୍ୟ ଜାଣିବାକୁ ହେଲେ ନେତାମାନଙ୍କୁ ଗାଁକୁ ଯିବାକୁ ହେବ। ବଡବଡ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଲୋକପରିକା ନୁହେଁ, ଜଣେ ସାଧାରଣ ଲୋକ ପରି ଜଣେ ଦୁଇଜଣଙ୍କୁ ସାଥିରେ ଧରି ସାଧାପୋଷାକରେ ଗଲେ ନିଛକ ସତର ଅଭାସ ମିଳିବ, ଯାହାକି ସେମାନଙ୍କୁ ନୀତି ନିର୍ଦ୍ଧାରଣ କରିବା ଦିଗରେ ସହାୟକ ହେବ। ଏମିତିରେ ସାଧାରଣ ଲୋକଙ୍କର ପ୍ରକୃତ ଅବସ୍ଥା ଜଣାଗଲେ, ସେମାନେ ଉଚିତ୍ ରଣନୀତି ବାହାର କରି ଦେଶକୁ କୁପୋଷଣ ଏବଂ ଭୋକରୁ ମୁକ୍ତ କରିପାରିବେ। (ସମାପ୍ତ)


ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯, ମୋ- ୯୪୩୯୧୨୮୦୫୦


# ଡାକ୍ତରୀ-ଇଂଜିନିୟରିଂ ଶିକ୍ଷାରେ ସ୍ଥାନ ସଂରକ୍ଷଣ

ଶରତ କୁମାର ଦାସ

ସଫଳତାର ଏକ ଲମ୍ବା ଫର୍ଦ୍ଦକୁ ଆଉ ଟିକେ ବୃଦ୍ଧିକରିବାକୁ ଯାଇ ବିଗତ ଡିସେମ୍ବର ମାସର ଶେଷ କ୍ୟାବିନେଟରେ ରାଜ୍ୟ ସରକାର କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ତଥା ଯୁଗାନ୍ତକାରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ସରକାରୀ ସ୍କୁଲ୍ ପିଲାଙ୍କୁ ବୃତ୍ତିଗତ ଶିକ୍ଷାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଏକ ବହୁ ପ୍ରତିକ୍ଷୀତ ଓ ବହୁ ଚର୍ଚ୍ଚିତ ନିଷ୍ପତ୍ତି । ଏହାର ସରଳ ଅର୍ଥ ହେଉଛି ଯେଉଁ ବିଦ୍ୟାର୍ଥୀମାନେ ସରକାରୀ ବିଦ୍ୟାଳୟ ଗୁଡିକରେ ଅଧାୟନ କରୁଥିବେ ସେମାନଙ୍କ ପାଇଁ ବୃତ୍ତିଗତ ଶିକ୍ଷା ଯଥା ଇଂଜିନିୟରିଂ ଓ ଡାକ୍ତରୀ ଭଳି ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ କରାଯିବ । ସରକାରୀ ସ୍କୁଲ୍ ଗୁଡିକରେ ଅଧୟନ ରତ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଲାଗି ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟିକରିବା ପାଇଁ ଏହା ଏକ ନୂଆ ତରିକା ହୋଇପାରେ । ସାଧାରଣତଃ ସରକାରୀ ସ୍କୁଲ୍ ପ୍ରତି ଥିବା ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ବିମୁଖତାକୁ ଦୂରକରିବା ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହିସବୁ ସ୍କୁଲ୍ ଗୁଡିକରେ ପାଠ ପଢୁଥିବା ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ ଓ ଇଂଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବାର ଆଗରୁ ଥିବା ଅନ୍ତରାୟକୁ ଦୂରକରିବା ଏହାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ମଧ ହୋଇ ପାରେ ।

ଏହି ବ୍ୟବସ୍ଥା ଦ୍ୱାରା ସରକାରୀ ସ୍କୁଲ୍ ରେ ପଢୁଥିବା ଅନୁନ୍ନତ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କର ବୃତ୍ତିଗତ ଉଚ୍ଚଶିକ୍ଷା ପାଇଁ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ନିଜ ଭିତରେ ଥିବା ଏକ ପ୍ରକାର ଶୈକ୍ଷିକ ଅସମାନତା ସଂଶୋଧିତ ହୋଇପାରିବ। ଆଗାମୀ ଶିକ୍ଷାବର୍ଷ ଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହାର ସଫଳ ରୂପାୟନ ପାଇଁ ହାଇକୋର୍ଟର ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରାଯିବ । ଏହି କମିଟିରେ ଖ୍ୟାତିସମ୍ପନ୍ନ ଶିକ୍ଷାବିତମାନଙ୍କ ସହିତ ବିଶିଷ୍ଟ ବ୍ୟକ୍ତିମାନେ ସଦସ୍ୟ ରହିବେ ଓ ଏହି କମିଟି ତିନି ମାସ ମଧ୍ୟରେ ସରକାରଙ୍କୁ ତାଙ୍କର ସୁପାରିଶ ରିପୋର୍ଟ ଦେବେ । ଏହି ରିପୋର୍ଟ ଆଧାରରେ ସାମ୍ବିଧାନିକ ବିଧିବ୍ୟବସ୍ଥାର ଅନୁପାଳନ ପୂର୍ବକ ସଂରକ୍ଷଣର ମାନଦଣ୍ଡ ନିର୍ଦ୍ଧାରଣ କରାଯିବ । ଯାହାଫଳରେ ମେଧାବୀ ଛାତ୍ରଛାତ୍ରୀ ବୃତ୍ତିଗତ ଉଚ୍ଚଶିକ୍ଷା ପାଇପାରିବେ ।

ସରକାରଙ୍କର ଉପରୋକ୍ତ ପଦକ୍ଷେପଟି ବିଳମ୍ବରେ ହେଲେ ମଧ ଏକ ଯୁଗାନ୍ତକାରୀ ପଦକ୍ଷେପ । ବିଭିନ୍ନ ମହଲରୁ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ଅନେକ ଶିକ୍ଷାବିତ୍, ବୁଦ୍ଧିଜୀବୀ,ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ଏହାକୁ ସ୍ୱାଗତ କରିଥିବା ବେଳେ ଅନେକ ମଧ ଏହି ବ୍ୟବସ୍ଥାକୁ ତୀବ୍ର ବିରୋଧ କରୁଛନ୍ତି । ଏହାକୁ ନେଇ ଗଣମାଧମଗୁଡିକରେ ଚର୍ଚ୍ଚା ଓ ତର୍କ ବିତର୍କ ମଧ ଆରମ୍ଭ ହୋଇଯାଇଛି । ସୁତରାଂ ଏହି ସଂରକ୍ଷଣ ସମ୍ପର୍କୀୟ ବିଲ୍‌ଟି ପାରିତ ହେବା ପରେ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

ମାତ୍ର, ଏହା ବିନା ଦ୍ୱିଧାରେ କୁହାଯାଇପାରେ ଯେ ଏହି ନିଷ୍ପତ୍ତି ପଶ୍ଚାତରେ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ହେଉ କେଉଁଠି ନା କେଉଁଠି ସରକାର ସ୍ୱୀକାର କରିଛନ୍ତି ଯେ ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡିକର ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଷୁଡି ପଡିବା ସହିତ ଜନସାଧାରଣଙ୍କର ଆସ୍ଥା ହରାଇଛି ଓ ଏ ପ୍ରକାର ଅବ୍ୟବସ୍ଥା ତଥା ଶୈକ୍ଷିକ ବିପର୍ଯ୍ୟୟରୁ ଶିକ୍ଷାବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ହେଲେ ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଓ ଫଳପ୍ରଦ ପଦକ୍ଷେପ । ଯାହାଫଳରେ ଭବିଷ୍ୟତରେ ସରକାରୀ ସ୍କୁଲ୍‌ରେ ପଢିବା ପାଇଁ କେହି ମୁହଁ ମୋଡିବେ ନାହିଁ ।

ଏହି ତମାମ୍ ସଂରକ୍ଷଣ ବ୍ୟବସ୍ଥାକୁ ମୁଖ୍ୟତଃ ସକାରାତ୍ମକ ଓ ନକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ପୁନଶ୍ଚ ସକାରାତ୍ମକ ଦିଗଟିକୁ ମଧ ଦୁଇଟି ଦୃଷ୍ଟିରୁ ଆଲୋଚନା କରାଯାଇପାରେ । ପ୍ରଥମ ସ୍ୱାଗତଯୋଗ୍ୟ ଦିଗଟି ହେଉଛି ଯେ ସରକାରଙ୍କର ସରକାରୀ ସ୍କୁଲ୍‌ର ବିକାଶ ପ୍ରତି ଥିବା ନିଷ୍ଠା ଓ ଦାୟିତ୍ୱବୋଧ । ଜନସାଧାରଣ ତଥା ଛାତ୍ରଛାତ୍ରୀଙ୍କର ବିତୃଷ୍ଣା ଭାବକୁ ଦୂର କରି ସରକାରୀ ବିଦ୍ୟାଳୟ ଗୁଡିକରେ ଏକ ଫଳପ୍ରଦ ଶୈକ୍ଷିକ ପରିବେଶ ସୃଷ୍ଟି କରିପାରିବା ସହିତ ଏହି ବିଦ୍ୟାଳୟଗୁଡିକ ପ୍ରତି ବିଦ୍ୟାର୍ଥୀମାନଙ୍କ ଆଗ୍ରହ ତଥା ବିଶ୍ୱସନୀୟତା ବୃଦ୍ଧି କରିବା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ । ଯଦି ସର୍ବ ଭାରତୀୟ ସ୍ତରରେ ଦେଖାଯାଏ ଏକ ଆକଳନ ଅନୁଯାୟୀ ୧୯୯୬ ରେ ସରକାରୀ ସ୍କୁଲ୍‌ରେ ପଢୁଥିବା ପିଲାଙ୍କ ସଂଖ୍ୟା ୯୦% ଥିଲାବେଳେ ଠିକ୍ ଏକ ଦଶନ୍ଧି ପରେ ଅର୍ଥାତ ୨୦୦୬ରେ ଏହି ପିଲାଙ୍କ ସଂଖ୍ୟା ୮୧.୩ % ଓ ୨୦୧୧ ରେ ୭୪.୪ %ରେ ପହଞ୍ଚିଥିଲା । ଅର୍ଥାତ ଘରୋଇ ସ୍କୁଲରେ ପଢୁଥିବା ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ୨୦୧୬-୧୭ର ଏକ ସର୍ବେକ୍ଷଣ ଅନୁସାରେ ରାଜ୍ୟରେ ୮୩% ପିଲା ସରକାରୀ ବିଦ୍ୟାଳୟରେ ପାଠପଢନ୍ତି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାସ କରୁଥିବା ୭୦%ରୁ ଅଧିକ ପରିବାର ନିମ୍ନ ଆର୍ଥିକ ବର୍ଗର ହୋଇଥିବାରୁ ସେମାନଙ୍କ ପିଲା ଶିକ୍ଷା ଲାଭ ପାଇଁ ସରକାରୀ ବିଦ୍ୟାଳୟ ଉପରେ ନିର୍ଭରଶୀଳ । ତେଣୁ ସ୍କୁଲ ବ୍ୟବସ୍ଥାକୁ ସୁଦୃଢ କରିପାରିଲେ ଏତେ ସଂଖ୍ୟକ ପିଲାଙ୍କ ସ୍ୱାର୍ଥକୁ ରକ୍ଷା କରାଯାଇପାରିବ ।

ଦ୍ୱିତୀୟଟି ହେଉଛି ଏହି ବ୍ୟବସ୍ଥା ଦ୍ୱାରା ସାଧାରଣ ଗରିବ ତଥା ନିମ୍ନ ବର୍ଗର ସଂଖ୍ୟାଧିକ ମେଧାବୀ ବିଦ୍ୟାର୍ଥୀ ଉପଯୁକ୍ତ ସାମାଜିକ ନ୍ୟାୟ ପାଇ ପାରିବେ। ସେମାନଙ୍କ ମନରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ ଯେ ସେମାନେ ମଧ ଘରୋଇ ସ୍କୁଲ୍‌ରେ ପଢୁଥିବା ସ୍ୱଚ୍ଛଳ ବର୍ଗର ପିଲାମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । ସେମାନେ ମଧ ବୃତ୍ତିଗତ ଉଚ୍ଚଶିକ୍ଷା ଯଥା ଡାକ୍ତରୀ ଓ ଇଂଜିନିୟରିଂ ପାଠ ପଢିପାରିବା ପାଇଁ ସକ୍ଷମ ହୋଇପାରିବା ସହିତ ସେମାନଙ୍କ ମଧ୍ୟରେ ଥିବା ମାନସିକ ବୈଷମ ଦୂର ହୋଇପାରିବ । ଏହା ସହିତ ସରକାରୀ ଓ ଘରୋଇ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟ ମଧ ଦୂର ହୋଇପାରିବ । ଏହି ଦ୍ୱାରା ସରକାର ମଧ ସ୍ୱଷ୍ଟ କରିଦେବାକୁ ଚାହାଁନ୍ତି ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱଚ୍ଛଳ ବର୍ଗର ସ୍ୱଳ୍ପ ସଂଖ୍ୟକ ବିଦ୍ୟାର୍ଥୀଙ୍କ ତୁଳନାରେ ବହୁ ସଂଖ୍ୟାର ଗରିବ ଓ ନିମ୍ନ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିଲେ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ହୋଇପାରିବା ସମ୍ଭବ ।

କିଛି ଶିକ୍ଷାବିତ୍‌ଙ୍କ ମତରେ ଏହି ସଂରକ୍ଷଣ ନିଷ୍ପତ୍ତି ବଳରେ ସରକାରୀ ବିଦ୍ୟାଳୟଗୁଡିକ ନିଜର ହୃତ୍ ଗୌରବ ଫେରି ପାଇବେ । (କ୍ରମଶଃ)

## କବିତା କୋଣାର୍କ

### ଛାଡିବିନି ତୁମ ହାତ...

ଅଶୋକ କୁମାର ପ୍ରଧାନ

କେବେ ତୁମ ପାଇଁ ଲେଖଇ କବିତା
କେବେ ଲୁହେ ଯାଏ ଭିଜି
କେବେ ପୁଣି ତୁମ ସପନ ଦୋଳିରେ
ନିଜେ ଯାଏ ମୁହଁ ହଜି।

କେବେ ତୁମ କଥା ମୋ ମନ ଗହନେ
କରେ କେକୀ ଶିଖେ ନୃତ୍ୟ
ଆଉ କେବେ ପୁଣି ତୁମରି ବିଚ୍ଛେଦେ
ମଣେ ମୁଁ ନିଜକୁ ଭୃତ୍ୟ।

କେବେ ତୁମ ସାଥେ ବୁଲି ଯାଏ ପୁଣି
ପରୀ ରାଇଜର କୋଳେ
ଆଉ କେବେ ତୁମ ସ୍ମୃତିର ପାହାଡେ
ବସି ଏକା ଏକା ଭାଳେ।

କେବେ ପୁଣି ତୁମ କଅଁଳ ହାତରେ
ତୋଳେ ମୁହଁ ବାଲିଘର
ଆଉ କେବେ ଆସି ବିଦ୍ରୋହୀ ପବନ
ଘର କରେ ଚୁରମାର।

କେବେ ପୁଣି ତୁମେ ପାଲିଙ୍କିରେ ଆସ
ଧରି ନବବଧୂ ବେଶ
ତୁମ ବଧୂବେଶ ଦେଖିହୁଏ ପ୍ରୀତ
ପାଶୋରେ ମୋ ହୃଦ କ୍ଳେଶ।

କେବେ ପୁଣି ତୁମେ ତୋଫା ଆଲୁଅରେ
ପଖାଳ ମୁକୁଳା ବେଣି
ସବୁ ସୁଖ ଛାଡି ଅଳୀନ୍ଦ ପରାଏ
ଯାଏ ତୁମ ପାଶେ ଟାଣି।

କେବେ ପୁଣି ତୁମେ ପ୍ରେମ ନଇ ହୋଇ
ଗାଅ କୁଳୁକୁଳୁ ଗୀତ
ନିମନ୍ତ୍ରଣ ଦେଇ କହୁଥାଅ ମୋତେ
ଆସ ହେ ବସିବା ମିତ।

କଥା ରଖି ଯେବେ ଧରିଥିଲି ଯାଇ
ତୁମର କଅଁଳ ହାତ
କହିଲି ତୁମକୁ ଝଡଝଞ୍ଜା ସହି
ରହିଥିବି ତୁମ ସାଥ।


ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦


### ଯିବିନାହିଁ ସହର...

ଧୀରେନ୍ଦ୍ର ମଲ୍ଲିକ

ସହରରୁ ଆସି ସନିଆ ଭାଇଟା
ଗାଆଁରେ ଆମର ରହିଛି,
ମୋ ପାଖରେ ବସି କହୁଥିଲା କାଲି
କେତେ କଷ୍ଟ ସିଏ ସହିଛି।

ସକାଳରୁ ଉଠି ନିତ୍ୟକର୍ମ ସାରି
ରୋଷେଇ ବାସରେ ଲାଗଇ,
ଖାଉକି ନ ଖାଉ ସମୟ ହୋଇଲେ
ତରବରେ କାମେ ଭାଗଇ।

ଦେହ ହାତ ଯଦି ଦରଜ କରଇ
କାମଟିକେ ବାଧା ହୋଇଲେ,
ସେଥିରେ ବି ବାଧ କାମକୁ ଯିବାକୁ
କଥାବି ଶୁଣିବ ନୋହିଲେ।

ଲୁଗାପଟା ଯେତେ ଧୋଇଲେ ଯତନେ
ଦୁଇଦିନେ ହେବ ମଳିଆ,
ସଫାବି କରିବ ଘର ଦାଣ୍ଡ ପିଣ୍ଡା
ଯେତେ ହେଉ ପଛେ ଅଳିଆ।

ଥଣ୍ଡା କିମ୍ବା କାଶ ଜ୍ୱର କିମ୍ବା ଝାଡା
ମୁଣ୍ଡ ବିନ୍ଧା ହେଲେ ଜବର,
ଯିଏ ଯାହା କାମେ ଛାଡି ପଳେଇବେ
କେହି ରଖିବେନି ଖବର।

ସେଥିପାଇଁ ଆଜି ବିଚାର କରିଛି
ସହରକୁ ଆଉ ଯିବିନି,
ଗାଆଁରେ କରିବି ଯେଉଁ କାମ ମିଳୁ
ଆଉ କେବେ ନାମ ନେବିନି।

ଗାଆଁରେ ରହିବି ଦେଖିବି ମାଆଙ୍କୁ
ଦେଖିବି ମୋ ବାପା ଭାଇଙ୍କୁ,
ମାମୁଁ ଘର ଯିବି ମଝିରେ ମଝିର
ଦେଖିବାକୁ ଅଜା ଆଇଙ୍କୁ।

ଭାଉଜଙ୍କ ହାତ ପରଶା ଖାଇବି
ଭାଇଙ୍କୁ ସାହାଯ୍ୟ କରିବି,
ଆଠ ମାସର ମୋ କୁନି ପୁତୁରାକୁ
କୋଳରେ ନିଇତି ଧରିବି।

ମେଳା ମହୋତ୍ସବ ଯେତେ ଯାନି ଯାତ
ଦେଖିବି ମୁଁ ସବୁ ଖୁସିରେ,
ଆରଢ଼ି କୁଆଁସ ମଙ୍ଗଳା ବୁଲିବି
ପରିବାର ସାଥେ ମିଶିରେ।

କାନମୋଡି ହେଲି ଆଜିଠାରୁ ମୁହିଁ
ଯିବି ନାହିଁ କେବେ ସହର,
ନାହିଁ ସେଠି ଦେଶୀ ଶୁଦ୍ଧର ଜିନିଷ
ସବୁ ଯାକ ଅଟେ ଜହର।


ଯୁବ ସାମ୍ବାଦିକ
ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬


## କବିତା କୋଣାର୍କ

### ଶୀତ ଋତୁ...

କସ୍ତୁରୀ ଚରଣ ରାଉତ

ପଉଷ ମାଘକୁ ଶୀତଋତୁ କହୁ
ଋତୁଚକ୍ରର ଏ କଥା
ପ୍ରବଳ ଥଣ୍ଡାରେ ଥରିଯାଏ ଦେହ
ଘୂରିଯାଏ ଆମ ମଥା ।
ଗଛଲତା ସବୁ ହୋଇଯାଏ ଥୁଣ୍ଟା
ପତ୍ରସବୁ ଯାଏ ଝଡ଼ି
ପାଣ୍ଡୁର ବୀବର୍ଣ୍ଣ ଦେଖାଯାଏ ଧରା
ଶିଘ୍ର ଯାଏ ବେଳ ଗଡ଼ି ।
ଦିନ ଛୋଟହୁଏ ରାତି ବଢିଯାଏ
ଦେହହାତ ଯାଏ ଶୁଖି
ଜଳାଶୟ ଜଳ ହୁଅଇ ନିର୍ମଳ
କାଶତଣ୍ଡି ହୁଏ ଦୁଃଖୀ ।
ଧାନ କ୍ଷେତେ ବସେ ସୁବର୍ଣ୍ଣର ହାଟ
ଆନନ୍ଦ ଚାଷୀର ମନ
ପନିପରିବାରେ ହସେ ବିଲବାଡ଼ି
ଅଭାବ ନ ଥାଏ ଧନ ।
ସୋରିଷ ଅଳସି ଡାଲିଆ ଗୋଲାପ
ହସୁଥାନ୍ତି ଖିଲିଖିଲି
ନାନାଜାତି ପୂଜା ଓଷାବ୍ରତେ ପଲ୍ଲୀ
ଦେଖାଯାଏ ଝିଲିମିଲି ।
କେବେ ପୁଣି ହୁଏ ପ୍ରବଳ କୁହୁଡ଼ି
ଚାଳକ ତ ବାଟବଣା
ଜଳସ୍ଥଳ ଆଉ ଆକାଶ ପଥରେ
ଘଟିଥାଏ ଦୁର୍ଘଟଣା ।
ଶୀତ ପୋଷାକର ବଢଇ ଆଦର
ବଢୁଥାଏ ଯେତେ ଶୀତ
ଶାଲ ସୁଏଟର କମ୍ବଳ ଚଦର
ଖୁସିରେ ଗାଆନ୍ତି ଗୀତ ।
ନିଆଁ ପୁଆଁଇକି ଶୀତରୁ ବଞ୍ଚନ୍ତି
ବୁଢାବୁଢୀ ପିଲା ଛୁଆ
କୋଠାଘରେ ଧନୀ ମଜା ନେଉଥାନ୍ତି
ଗରମ ପୋଷାକ ଥୁଆ ।
ଥିଲାବାଲା ପାଇଁ ଆନନ୍ଦର ଋତୁ
ଗରିବ ଆଖିରେ ଲୁହ
ଛିଣ୍ଡାପାଲ ତଳେ ରାସ୍ତାକଡ଼ଟାରେ
କେମିତି ବଞ୍ଚିବ କୁହ ?


ମକୁନ୍ଦପୁର,ବାଙ୍କି,କଟକ

# ବ୍ୟସ୍ତ ମହିଳାଙ୍କ ପାଇଁ ବ୍ୟାୟାମ



**ଆଜିକାଲି ମହିଳାମାନଙ୍କ ଜୀବନ ଖୁବ୍ ବ୍ୟସ୍ତବହୁଳ ହୋଇପଡ଼ିଛି । ନିଜ ପାଇଁ ସମୟ ନାହିଁ କହିଲେ ଚଳେ । କିନ୍ତୁ ଏଥିପାଇଁ ସ୍ୱାସ୍ଥ୍ୟକୁ ଅବହେଳା କଲେ ଚଳିବ ନାହିଁ । ସୁସ୍ଥ ନରହିଲେ କୌଣସି କାମ ସଠିକ ଭାବେ କରିପାରିବେ ନାହିଁ । ବ୍ୟସ୍ତ ଜୀବନରେ ସୁସ୍ଥ ରହିବା ପାଇଁ କିଛି ବ୍ୟାୟାମ ପରାମର୍ଶ ।**

**କିଛି ବିଶେଷ ଟିପ୍ସ:**

### କମ ସମୟର ଏକ୍ସରସାଇଜ ପ୍ଲାନ:

୧ ଶିଢ଼ି ପାଖରେ ଛିଡ଼ା ହୋଇ କାନ୍ଥ ଆଡ଼କୁ ମୁହାଁଇ ଗୋଟିଏ ଗୋଡ଼ ଶିଢ଼ି ଓ ଗୋଟିଏ ଗୋଡ଼ ଚଟାଣରେ ରଖନ୍ତୁ । ଛାତି ସିଧା ଓ ପେଟ ଟାଣ କରି ଆଣ୍ଠୁକୁ ୪୫°ରୁ୯୦° ରେ ଭାଙ୍ଗି ଆଣ୍ଠୁ ଟେକି ବସିବା ଭଙ୍ଗୀରେ ଆସନ୍ତୁ । ଦେଖିବେ ଯେମିତି ଆଣ୍ଠୁ ପଦାଙ୍ଗୁଳିର ପଛେଇ ରହେ । ଏଥର ଛିଡ଼ା ହୋଇ ଗୋଡ଼ ସିଧା କରନ୍ତୁ । ତଳେ ଥିବା ଗୋଡ଼ ସିଧା ଭାବେ ଉଠାନ୍ତୁ । ଏଇ ଅବସ୍ଥାରେ ଡେଇଁବେ । ଏପରି ୧ମିନିଟ୍ ଲେଖାଁ ପ୍ରତି ଗୋଡ଼ରେ କରନ୍ତୁ ।



୨ ସୋଫା ପଛରେ ଛିଡ଼ା ହୋଇ ହାତ ଦୁଇଟି ପରସ୍ପର ଠାରୁ ଯଥେଷ୍ଟ ଦୂରତ୍ୱରେ ରଖି ପଛାନ୍ତୁ । ହାତ ସମ୍ପୂର୍ଣ୍ଣ ଭାବେ ଟାଣ ହୋଇଗଲେ ତଥା ପଦାଙ୍ଗୁଳି ତଳେ ଥିବା ହାଡ଼ ଉପରେ ଛିଡ଼ା ହେଲେ ଅଟକି ଯାଆନ୍ତୁ । ଦୁଇ ପାଦ ମଝିରେ ଦୁଇ କାନ୍ଧରୁ ଅଧିକ ଦୂରତ୍ୱ ବଜାୟ ରଖନ୍ତୁ । ଶରୀର ତୀର୍ଯ୍ୟକ ଥିଲେ ବି ସିଧା ରହିବ । ଏଥର କହୁଣୀ ମୋଡ଼ି ଦେହର ଉପର ଅଂଶ ସୋଫା ପାଖକୁ ନିଅନ୍ତୁ । କହୁଣୀ ସିଧା କରି ଶରୀର ଉପରକୁ ନେଇ ଆସନ୍ତୁ । ବ୍ୟାୟାମଟି ୧ମିନଟ୍ କରନ୍ତୁ ।

୩ ଦୁଇ ପାଦ ମଝିରେ ଦୂରତ୍ୱ ରଖି ଛିଡ଼ା ହୁଅନ୍ତୁ । ଛାତି ସିଧା ଓ ପେଟ ଟାଣି ରଖି ଡାହାଣ ପାଦ ବଢ଼ାନ୍ତୁ । ଆଣ୍ଠୁ ଭାଙ୍ଗି ଉବୁଙ୍କି ପଡ଼ିବା ଭଳି ହୁଅନ୍ତୁ । ଡାହାଣ ଆଣ୍ଠୁ ଓ ଗୋଠି ସିଧା ରଖନ୍ତୁ । ଏଥର ଆଣ୍ଠୁ ସିଧା କରି ଛିଡ଼ା ହୁଅନ୍ତୁ । ଡାହାଣ ପାଦ ପଛକୁ ନନେଇ ବାମ ପାଦ ବଢ଼ାନ୍ତୁ । ବାମ ଆଣ୍ଠୁ ଊନିତମ୍ବ ଯାଏଁ ଉଠିଲେ ସେଇ ଅବସ୍ଥାରେ ୩ ଯାଏଁ ଗଣି ବାମ ପାଦ ଆଗକୁ ରଖନ୍ତୁ । ଏଥର ବାମ ଗୋଡ଼ ଆଗେଇ ବ୍ୟାୟାମଟି କରନ୍ତୁ । ଏଭଳି ୧ରୁ ୨ ମିନିଟ୍ ବ୍ୟାୟାମ କରି ଆଗେଇ ଚାଲନ୍ତୁ ।

- ଲିଫ୍ଟ ବା ଏକ୍ସାଲେଟର ବଦଳରେ ଶିଢ଼ି ବ୍ୟବହାର କରନ୍ତୁ ।
- ଖାଇବା ପରେ ଅନ୍ତତଃ ଦଶମିନିଟ୍ ଚାଲବୁଲ କରନ୍ତୁ ।
- ହାତରେ ସମୟ ନଥିଲେ ପଡ଼ିଶା କିମ୍ବା ଅଫିସରେ ଟିକେ ବୁଲାବୁଲି କରନ୍ତୁ ।
- ସମୟ ନମିଳିଲେ ଛିଟି ଦିନ ପାଇଁ ଭଲ ଉପଯୋଗୀ ଏକ୍ସରସାଇଜ ରୁଟିନ୍ ତିଆରି କରନ୍ତୁ ।
- ପାଣି ଗରମ କଲାବେଳେ ବା ପାଖରେ କିଛି ସମୟ ଥିଲେ ସ୍କିପିଂ କରନ୍ତୁ ।
- ଅଫିସ ଯିବା ପୂର୍ବରୁ ମେକଅପ କଲାବେଳେ ଆଇନା ଆଗରେ ଛିଡ଼ା ହୋଇ ନିଜ ପସନ୍ଦର ସଙ୍ଗୀତ ଶୁଣୁ ଶୁଣୁ ୧୦-୧୫ ମିନିଟ ଜଗିଂ କରନ୍ତୁ ।
- ଟିଭି ଦେଖିବା ବେଳେ ରିମୋଟ୍ ପାଖରେ ରଖିବେ ନାହିଁ ।
- ସମୟ ମିଳିଲେ ନିଜେ ଦୋକାନକୁ ଚାଲିଚାଲି ଯାଆନ୍ତୁ ଓ ଫେରନ୍ତୁ ।
- ଛିଡ଼ା ହୋଇ ରନ୍ଧାବଢ଼ା କରିବା ବେଳେ ଦଣ୍ଡବୈଠକ କରିପାରନ୍ତି ।
- ପିଲା ସ୍କୁଲରୁ ଫେରିବା ପାଇଁ ଅପେକ୍ଷା କରିଥିବା ବେଳେ ଛିଡ଼ା ନହୋଇ ଟିକେ ଚାଲବୁଲ କରନ୍ତୁ ।
- କାମ ମଝିରେ୫-୧୦ ମିନିଟ ପାଇଁ ଠନ୍ତୁ।
- ଟିକେ ଚାଲବୁଲ କରନ୍ତୁ । ଅବା ଶିଢ଼ି ଓହ୍ଲାନ୍ତୁ ଓ ଚଢ଼ନ୍ତୁ ।
- ନାଚିବାକୁ ଭଲ ପାଉଥିଲେ ସମୟ ମିଳିଲେ ନାଚନ୍ତୁ ମନ ଓ ଶରୀର ଉଭୟ ଭଲ ରହିବ ।



### ଖାଦ୍ୟ ବିଷୟରେ କିଛି କଥା :

ସଠିକ ଖାଦ୍ୟାଭ୍ୟାସ ଦ୍ୱାରା ଆପଣ ସୁସ୍ଥ ଓ ସୁନ୍ଦର ରହିବା ସାଙ୍ଗକୁ ସତେଜ ଓ କର୍ମଠ ରହନ୍ତି । ନିୟମିତ ଭାବେ ସଠିକ ପରିମାଣର ଖାଦ୍ୟ ଖାଉଥିବା ଲୋକେ ଦୀର୍ଘ ଓ ସୁସ୍ଥ ଜୀବନ ଲାଭ କରନ୍ତି । ବ୍ରେକଫାଷ୍ଟ ବା ଜଳଖିଆକୁ ଖାଦ୍ୟ ବିଶେଷଜ୍ଞମାନେ ଅଧିକ ଗୁରୁତ୍ୱ ଦିଅନ୍ତି । ଏହାକୁ ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ କୁହାଯାଏ । ଏଥିରୁ ଦିନସାରା କାମ କରିବାର ଶକ୍ତି ମିଳେ । ତେଣୁ ବ୍ରେକଫାଷ୍ଟ ବାଦ ଦେବା କଥା ଭାବିବେ ନାହିଁ । ଯଅ ଚୂନା, କର୍ଣ୍ଣ ଫ୍ଲେକ୍ସ ଭଳି ସିରିୟଲ୍ ଓ କଦଳୀ, ଷ୍ଟ୍ରବେରି ଭଳି ନାନା ଫଳ ଓ କ୍ଷୀର ଭଲ ବ୍ରେକଫାଷ୍ଟ । ଏଇ ଖାଦ୍ୟଗୁଡ଼ିକ କାର୍ବୋହାଇଡ୍ରେଟ୍, କ୍ୟାଲଶିୟମ, ତନ୍ତୁରେ ଭରା ଓ କମ ଚର୍ବିଯୁକ୍ତ । ତେବେ ଏଥିରେ ଯଥେଷ୍ଟ ପ୍ରୋଟିନ ନଥାଏ । ଅଧିକାଂଶ କ୍ଷେତ୍ରରେ ବ୍ରେକଫାଷ୍ଟରେ ପ୍ରୋଟିନ ଅଭାବ ରହେ । ସଠିକ କାମ ପାଇଁ ଲୋଡ଼ା ପର୍ଯ୍ୟାପ୍ତ ପ୍ରୋଟିନ । ବ୍ରେକଫାଷ୍ଟ ହେଉ ବା ଅନ୍ୟ ଭୋଜନ, ସବୁବେଳେ ବାଲନ୍ସଡ ଡାଏଟ୍ ପାଇଁ ଚେଷ୍ଟା କରନ୍ତୁ । ଖାଦ୍ୟରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫ୍ୟାଟ୍ , ଭିଟାମିନ ଓ ମିନେରାଲ ଆଦି ସଠିକ ପରିମାଣରେ ଥିବା ଦରକାର । ଅନେକେ ପତଳା ରହିବା ପାଇଁ ଖାଦ୍ୟରୁ ଫ୍ୟାଟକୁ ସମ୍ପୂର୍ଣ୍ଣ ବାଦ ଦିଅନ୍ତି । ଏପରି କରିବା ଅନୁଚିତ । ଫ୍ୟାଟ୍‌ର ମଧ୍ୟ ଗୁରୁତ୍ୱ ରହିଛି । ଏହା ଏନର୍ଜି ଲେଭଲ୍ ବଜାୟ ରଖେ ଖାଦ୍ୟରେ ଚିକେନ ଓ ମାଛ ରଖନ୍ତୁ ଏଥିରେ ଫ୍ୟାଟ କମ ଥାଏତେଣୁ କ୍ୟାଲେରି ଓ କୋଲେଷ୍ଟ୍ରରଲ୍ ମଧ୍ୟ କମ । ତେବେ ମଟନ ନଖାଇବାର କୌଣସି କାରଣ ନାହିଁ । ଏଥିରେ ପ୍ରଚୁର ପ୍ରାଟିନ, ଆଇରନ, ଜିଙ୍କ ଓ କ୍ରିଏଟାଇନ ଥାଏ । ଡାକ୍ତରଙ୍କ ନିଷେଧ ନଥିଲେ ସପ୍ତାହକୁ ଥରେ ବା ଦୁଇ ଥର ମଟନ ଖାଇ ପାରିବେ । କଦଳୀ, କମଳା, ଅଙ୍ଗୁର ଓ ଅନ୍ୟାନ୍ୟ ରସଯୁକ୍ତ ଫଳରେ ଭିଟିନ ସି ଓ ପୋଟାଶିୟମ ଅଧିକ ଥାଏ । ତେଣୁ ଫଳ ସହିତ ଫଳ ରସ ଦିନକୁ ଥରେ ଖାଦ୍ୟ ତାଲିକାରେ ରଖନ୍ତୁ । କାରଣ, ଫଳ ଓ ଫଳ ରସରେ କ୍ୟାଲୋରିର ମାତ୍ରା ଅଧିକ । ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରତିଦିନ ଭିଟାମିନ ଇ କ୍ୟାପସୁଲ ଖାଆନ୍ତୁ । ଏହା ହୃଦରୋଗ ଓ କ୍ୟାନସରରୁ ରକ୍ଷା କରିବା ସହିତ ତ୍ୱଚା ତଥା କେଶକୁ ସୁନ୍ଦର ରଖେ ।



## ଡାହାଣ ହାତରେ ମୋବାଇଲ ଧରିବା ଉଚିତ୍

ମୋବାଇଲ ଫୋନ ଆଜିକାଲି କାହା ନିକଟରେ ନାହିଁ, ତାହାର ତାଲିକା ପ୍ରସ୍ତୁତ କଲେ ବୋଧହୁଏ ଖୁବ କମ୍ ଲୋକ ସେହି ଗୋଷ୍ଠୀରେ ଆସିବେ। ସ୍ମାର୍ଟଫୋନରେ ଏହି ଯୁଗରେ ସମସ୍ତେ ନିଜ ଫୋନରେ ହିଁ ଦୁନିଆକୁ ସୀମିତ ରଖୁଛନ୍ତି। ତେବେ ନିକଟରେ କାଲିଫର୍ଣ୍ଣିଆର ଏକ ବିଶେଷଜ୍ଞ ଦଳ ମୋବାଇଲ ଫୋନ ଧରିବା ସମ୍ପର୍କରେ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି। ବିଶେଷଜ୍ଞଙ୍କ ମତରେ ଯଦି କଥାବାର୍ତ୍ତା ବେଳେ ମୋବାଇଲ ଡାହାଣ ହାତରେ ଧରୁଛନ୍ତି, ତେବେ ତାହା ଠିକ୍ ଭାବରେ କାର୍ଯ୍ୟ କରିଥାଏ। ବାମହାତରେ ମୋବାଇଲ ଧରିଲେ କଥାବାର୍ତ୍ତା ସ୍ପଷ୍ଟ ହୋଇ ନଥାଏ ଓ ସିଗନାଲ ବାରମ୍ବାରୀ ଦୁର୍ବଳ ହୁଏ। ବାମ ହାତରେ ଧରୁଥିବା ବ୍ୟକ୍ତିଙ୍କ ହାତ ଶୀଘ୍ର ବିନ୍ଧେ। ଏପରିକି ଅଧିକାଂଶ ଲୋକଙ୍କ ଏହି ହାତରେଫୋନ ଖସିପଡ଼େ।




## କେଶ ଅଧିକ ଝଡୁଥିଲେ



ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ। ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍।

- ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ। ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ। ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି।
- ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ। ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ। ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ।
- ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶାମ୍ପୁ କରିନେବେ। ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ।
- ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୂଅନ୍ତୁ। କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ।



## ମହିଳାଙ୍କ ପାଇଁ ଯୋଗ

ଯୋଗାସନରେ ସବୁଠାରୁ ଭଲ ଗୁଣ ହେଉଛି ଏହାର ସହଜସାଧ ଏବଂ ସର୍ବସୁଲଭତା। ଏହା ଏପରି ଏକ ବୈଜ୍ଞାନିକ ତଥା ପ୍ରାମାଣିକ ବ୍ୟାୟାମ ପଦ୍ଧତି ଯେଉଁଥିରେ ଅଧିକ କିଛି ସାଧନ-ସାମଗ୍ରୀ କିମ୍ବା ଅର୍ଥବ୍ୟୟର ଆବଶ୍ୟକତା ପଡ଼ିନଥାଏ। ଯୋଗାସନରେ ପ୍ରଭାବରେ ଶରୀରର ଆଭ୍ୟନ୍ତରୀଣ ଗ୍ରନ୍ଥି ଗୁଡ଼ିକ ସକ୍ରିୟ ରହି ଯୁବାବସ୍ଥା ବଜାୟ ରଖିବାରେ ସହାୟକ ହୁଏ। ପେଟ ପରିଷ୍କାର ରହିବା ସହ ପାଚନ ଅଙ୍ଗ ପୁଷ୍ଟ ହୋଇଥାଏ। ଏହା ବ୍ୟତୀତ ମେରୁଦଣ୍ଡ ହାଡ଼ ମଧ ସୁଦୃଢ଼ ରହେ। ନିୟମିତ ଯୋଗାସନ କରିବା ଦ୍ୱାରା ମାଂସପେଶୀରେ ନୂତନ ବଳ ସଞ୍ଚାର ହେବା ସହ ମୋଟାପଟ ନଷ୍ଟ ହୋଇଥାଏ। ବିଶେଷକରି ମହିଳାଙ୍କ ପାଇଁ ଯୋଗାସନ ବେଶ ମହତ୍ତ୍ୱ ରଖେ। ଏହାଦ୍ୱାରା ସେମାନଙ୍କ ଶ୍ୱାସକ୍ରିୟାରେ ସ୍ଥିରତା, ହୃତପିଣ୍ଡ ସୁସ୍ଥ ଓ ସକ୍ରିୟ ରହିବା ସହ ରକ୍ତ ଶୁଦ୍ଧ ହେବା ଏବଂ ମନରେ ସ୍ଥିରତା ମଧ ସମ୍ଭବ ହୁଏ। ଯୋଗାସନ କଲେ ଦୃଷ୍ଟିଶକ୍ତି ବୃଦ୍ଧି ପାଏ। କେବଳ କୌଣସି ଗୋଟିଏ ଅଙ୍ଗ ନୁହେଁ, ବରଂ ଯୋଗାସନ ଦ୍ୱାରା ଶରୀରର ସମସ୍ତ ଅଙ୍ଗର ବ୍ୟାୟାମ ହୋଇପାରେ। ଏହା ଶରୀରର ମୁଖ୍ୟ ପଞ୍ଚାଙ୍ଗ, ସ୍ନାୟୁତନ୍ତ୍ର, ରକ୍ତାଭିଗମନ ତନ୍ତ୍ର, ଶ୍ୱାସ ତନ୍ତ୍ରର କ୍ରିୟା ଗଉଡ଼ିକୁ ବ୍ୟବସ୍ଥିତ ରୂପେ କାର୍ଯ୍ୟକ୍ଷମ କରିବା ସହ ଆମକୁ ସୁସ୍ଥ ଏବଂ ନିରୋଗ ରଖିଥାଏ। ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସ୍ତରରେ ଏହାର ପ୍ରଭାବ ସୁଦୂର ପ୍ରସାରୀ। ଅନ୍ୟ ଆଧୁନିକ ବ୍ୟାୟାମ କେବଳ ଶରୀରର ବାହ୍ୟ ଅଙ୍ଗକୁ ପ୍ରଭାବିତ କରେ, କିନ୍ତୁ ଯୋଗାସନ ହେଉଛି ଏପରି ଏକ ବ୍ୟାୟାମ ଯାହା ଆମକୁ ଉଭୟ ବାହ୍ୟିକ ଓ ଆଭ୍ୟନ୍ତରୀଣ ଅଂଶରେ ବିକାଶ କରିଥାଏ । ଯୋଗାସନକୁ ଆପଣେଇଥିବା ମହିଳାମାନେ କେବଳ ମାତ୍ର ଖୁସି ଅନୁଭବ କରିନଥାନ୍ତି ବରଂ ସେଇ ଖୁସି ତାଙ୍କୁ ପରବର୍ତ୍ତୀ ଜୀବନରେ ସୁଖୀ କରାଇଥାଏ । ପ୍ରତ୍ୟେକ ମହିଳା, କର୍ମଜୀବି ହୁଅନ୍ତୁ ବା ଘରୋଇ, ସମସ୍ତେ ଯୋଗାସନକୁ ଅଭ୍ୟାସରେ ପରିଣତ କରାଇପାରିଲେ ତାହା ପରବର୍ତ୍ତୀ ସମୟରେ ଅନେକ ଉପକାରୀ ସବ୍ୟସ୍ତ ହୋଇଥାଏ ।



## ସବୁକଥା ବନ୍ଧୁଙ୍କୁ କହିବେନି

ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।



### ୨୦ କୋଟି ଟଙ୍କାର ସରକାରୀ ଜମି ପଟ୍ଟା ହୋଇଯିବା ମାମଲା

# ଆଇଏଏସ ପାଇଥିବା ଅଧିକାରୀଙ୍କୁ ନେଇ ଉଠିଲା ବିବାଦ

ରାଉରକେଲା,୪।୧ (ନି.ପ୍ର): ରାଉରକେଲା ସହରର ପାନପୋଷ ବସ୍ତି କୁ ଲାଗି ରହିଥିବା ସରକାରୀ ଖାତା ନଂ ୩୦୭ର୨୨ଏକର ୯୯ଡିସିମିଲ ଯାଗାରୁ ୨ଏକର ୭.୯ ଡିସିମିଲ ଯାଗା ଜଣେ ପୂର୍ବତନ ରାଜସ୍ୱ କର୍ମଚାରୀଙ୍କ ପରିବାର ଲୋକଙ୍କ ନାମରେ କରିଦେବା ଓ ପରେ ତାକୁ ବାତିଲ୍ କରିଦେବା ମାମଲାକୁ ନେଇ ନିକଟରେ ଆଇଏଏସ ପାଇଥିବା ପୂର୍ବତନ ତହସିଲଦାର ମାନସ ରଞ୍ଜନ ସାହୁଙ୍କୁ ନେଇ ଏବେ ନାନା କଥା ଆସିବା ସହ ସେ ଓ ଜିଲ୍ଲାର ଅନ୍ୟ କିଛି ପଦାଧୀକାରୀ ବର୍ତମାନ ଏହି ମାମଲାକୁ ନେଇ ବିବାଦୀୟ ହୋଇପଡିଥିବା ଜଣାପଡିଛି । ବିବରଣୀରୁ ପ୍ରକାଶ ରାଜସ୍ୱ ବିଭାଗର ଅବସର ପ୍ରାପ୍ତ କର୍ମଚାରୀ ଅମ୍ବିକା ସ୍ୱାଇଁ ବିଗତ ୨୦୧୪ ମସିହାରୁ ଏହି ସରକାରୀ ଜମିକୁ ନିଜ ନାମରେ କରାଇ ନେବାକୁ ଚେଷ୍ଟା କରିବା ସହ ରେଭିନ୍ୟୁ କେଶ ନଂ ୩୩/୨୦୧୪ ମଧ ହୋଇଥିଲା । ସେ ସମୟରେ ଓ ଆଜିଯାଏ ୨ ଜଣ ତହସିଲଦାର ରାଉରକେଲାକୁ ଆସି ଏଭଳି ମାମଲାରେ ହାତ ନମାରି ଚାଲି ଯାଇଥିବା ବେଳେ ମାତ୍ର ୬ ମାସ ତଳେ ଆସିଥିବା ଶ୍ରୀ ସାହୁ ମ୍ୟୁଟେସନ କେଶ ନଂ ୫୫୧/୨୦୨୦ ବଳରେ ତହସିଲଦାର ସଂପୃକ୍ତ ବ୍ୟକ୍ତିଙ୍କ ନାମରେ କରିଦେବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ପଟା ମଧ ମିଳିସାରିଛି । ପରେ କୌଣସି କାରଣରୁ ଡିସେମ୍ବର ମାସ ୧୮ତାରିଖରେ ନିର୍ଦ୍ଦେଶନାମା ୩୬/୨୦୨୦ ଅନୁଯାଇ କୁଆଡେ ସଂପୃକ୍ତ ଆଦେଶକୁ ଖାରଜ କରିଦେଇ ତହସିଲଦାର ନିଜ ଚାକିରୀ ଛାଡି ଆଇଏଏସ ତାଲିମ ଲାଗି ଚାଲିଯାଇଥିବା ଜଣାପଡିଛି । ଏହି ସମ୍ପୂର୍ଣ୍ଣ ଘଟଣାକୁ ନେଇ ଖୋଦ ସଂପୃକ୍ତ ତହସିଲଦାରଙ୍କୁ ନେଇ ଏବେ ଉଠିଛି ପ୍ରଶ୍ନ । ପୁରାତନ ଅବସରପ୍ରାପ୍ତ ଅଧିକାରୀ ମାନଙ୍କ କହିବା କଥା, ତହସିଲଦାର କାହାର ଆଦେଶରେ ଏଭଳି ସରକାରୀ ଜମୀ ଓ ପୋଷ୍ଟମର୍ଟମ ଘରଥିବା ଯାଗାକୁ କିଭଳି ଅନ୍ୟ ନାମରେ ପଟା କଲେ । ସେହିଭଳି ଏଭଳି ଆଦେଶନାମା ପୂର୍ବରୁ ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କର କୌଣସି ଭୂମିକା ସେଠାରେ ଥିଲା କି ନାହିଁ । ସବୁଠାରୁ ବଡ କଥା ୬ ମାସ ତଳେ ରାଉରକେଲା ତହସିଲଦାର ଚୌକିରେ ବସିଥିବା ଅଧିକାରୀଙ୍କର କେତେ ଜମି ପଟା ଦେବାର କ୍ଷମତା ରହିଛି ତାହା ମଧ ଯାଂଚ ହେବାର ଆବଶ୍ୟକତା ରହିଛି । ଖାଲି ସେତିକି ନୁହେଁ ଯେଉଁ ଜମି ମାମଲାରେ ପୂର୍ବତନ ୨ ଅଧିକାରୀ ହାତ ମାରୁ ନଥିଲେ ଓ ସେମାନେ ସେହି ଫାଇଲରେ କଣ ଲେଖି ଯାଇଥିଲେ ତାକୁ ତର୍ଜମା କରାଯାଇଥିଲା କି ନାହିଁ । ଖୋଦ ଏହି ତହସିଲଦାର ସଂପୃକ୍ତ ଅଂଚଳରେ କିଛି ଜବରଦଖଲ ଉଚ୍ଛେଦ ଲାଗି ଅଂଟା ଭିଡିଥିବା ବେଳେ ଏଭଳି ପଟା ଦେଇ ପୁଣି ତାକୁ କିଭଳି କେଉଁ କ୍ଷମତାରେ ଖାରଜ କଲେ ସେନେଇ ଏବେ ଚର୍ଚ୍ଚା ଯୋର ଧରିଛି । ଖାଲି ସେତିକି ନୁହେଁ ତହସିଲଦାର ଥିବା ବେଳେ ଜଣେ ଯଦି ଏଭଳି କରିପାରୁଛନ୍ତି ତେବେ ଆଇଏଏସ ପାଇ ତାଲିମ୍ ନେଇ ନିଯୁକ୍ତି ପରେ ସେ ଆଗକୁ ଆଉ ସବୁ କଣ ନକରିବେ ସେ ନେଇ ଏବେ ଉଠିଛି ପ୍ରଶ୍ନ । ତେବେ ଏହି ଖବର ପ୍ରଚାର ହେବା ପରେ କିଛି ବ୍ୟକ୍ତି ଏନେଇ ଆରଟିଆଇରେ କାଗଜପତ୍ର ମାଗିବା ପରେ ରାଜସ୍ୱ କାଗଜ ପତ୍ର ଦେଖିବା ଲାଗି ଥିବା ୱେବସାଇଟରେ କିଛି ଲେଖାଥିବା ଯାଗାକୁ କେହି ଉଡାଇଦେଇଥିବା ଖବର ମଧ ପୁରା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ । ତେଣୁ ଏହି ଘଟଣାକୁ ନେଇ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ପୁରା ଯାଂଚ୍ କରାଜିବା ସହ ବିଗତ ୬ ମାସ ଭିତରେ ଶ୍ରୀ ସାହୁଙ୍କ ସମୟରେ କେତେ ଲୋକଙ୍କୁ ଯାଗା ଜମି ନେଇ ପଟା ପ୍ରଦାନ କରାଯାଇଛି ତାର ତଦନ୍ତ କରାଜିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ଅନ୍ୟପକ୍ଷରେ କିଛି ରାଜସ୍ୱ ବିଭାଗ କର୍ମଚାରୀ କହିଛନ୍ତି ନୂଆ ପିଲା ମାନଙ୍କୁ ରାଉରକେଲା ଭଳି ଯାଗାରେ ବସାଯାଉଥିବାରୁ ଏଭଳି ସ୍ଥିତି ଉପୁଜୁଛି । ତେଣୁ ଅନ୍ୟୂନ ୧୦ ବର୍ଷ ପୁରୁଣା ଲୋକଙ୍କୁ ଏଠାରେ ନିଯୁକ୍ତି ଦେବା ଆବଶ୍ୟକ । ଏହା ଛଡା ରାଉରକେଲା ତହସିଲରେ ୩ରୁ ୫ ବର୍ଷ କାଳ ରହି କିଛି ବାବୁଙ୍କର ଲୋଭ ବଢୁଥିବାରୁ ଏଭଳି ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି । ସେମାନଙ୍କର ବଦଳି ମଧ ହେବା ଆବଶ୍ୟକ । ରାଉରକେଲା ସହରରେ ଏହିଭଳି ଅନେକ ସରକାରୀ ଜମୀ ଉପରେ ଏବେ କିଛି ଦଲାଲ ଓ ଟାଉଟରଙ୍କ ନଜର ରହିଛି । ରାଜସ୍ୱ ବିଭାଗ ଏଥିପ୍ରତି ସଚେତନ ହେବା ଆବଶ୍ୟକ ।

## ସ୍ୱିଓା ଅନୁଷ୍ଠାନ ତରଫରୁ ଆମ୍ବୁଲାନ୍ସର ଲୋକର୍ପଣ

ଜୟପୁର,୪।୧ (ନି.ପ୍ର): ଜୟପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱିଓା ଆନୁକୁଲ୍ୟରେ ଏକ ଆମ୍ବୁଲାନ୍ସର ଲୋକର୍ପଣ କରାଯାଇଛି । ଜୟଗନଗର ପାର୍କ ଛକ ନିକଟରେ ଅବସ୍ଥିତ ସିଓ୍ୱା କାର୍ଯ୍ୟାଳୟ ନିକଟରେ ଲୋକାର୍ପଣ କାଯ୍ୟକ୍ରମରେ ଅନୁଷ୍ଠାନର କର୍ମକ । ଓ ସଦସ୍ୟ ଙ୍କ ସମେତ ଆମ୍ବୁଲାନ୍ସ ବାବଦରେ ଆର୍ଥିକ ସହୟତା କରିଥିବା ସିଓା ଅନୁଷ୍ଠାନର ଶୁବେଚ୍ଛୁ ମାନେ ହିଁ କେବଳ ଏହି କାଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବିଗତ ଦିନରେ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଜୟପୁର ପୌରପରିଷଦ ପକ୍ଷରୁ ଲିଜ ସୁତ୍ରରୁ ଦିଆଯାଇଥିବା ଆମ୍ବୁଲାନ୍ସ ତଥା ସଭ ବାହକ ଗାଡିକୁ ସୁଚାରୁ ରୁପେ ପରିଚଳନା କରାଯାଇଥିଲା । କୋରନା ମହାମାରି ସମୟରେ ଲୋକଙ୍କ ପାଇଁ ଅତ୍ୟାବଶ୍ୟକୀୟ ହେଉଥିବା ଅକ୍ସିଜେନ ଆଉ ଦିନକୁ ଦିନ ବର୍ଦ୍ଧି ଚାଲିଥିବା ଆମ୍ବୁଲାନ୍ସର ଚାହିଦାକୁ ଦୃଷ୍ଟିରେ ରଖି ଆନୁଷ୍ଠାନ ପକ୍ଷରୁ ତତକାଳ ଆବଶ୍ୟକୀୟ ଅକ୍ସିଜେନ ସିଲିଣ୍ଡର ବ୍ୟବସ୍ଥା କରି ଲୋକଙ୍କୁ ଯୋଗାଇବା ସହିତ ନିଜସ୍ୱ ଗୋଟିଏ ଆମ୍ବୁଲାନ୍ସ ଖରିଦ କରିବା ଦିଗରେ ପ୍ରଚେଷ୍ଟା ଆରମ୍ଭ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ଦାସ, ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ , ସୁଧାକର ପଟ୍ଟନାୟକ, ଜି. ଭି. ରେଡ୍ଡି, ରଞ୍ଜିତ ନାୟକ, ଗୋପାଳ ସାହୁ, ରମେଶ ପଟ୍ଟନାୟକ, ଦିପକ ଷଡଙ୍ଗି, ସୌମ୍ୟ ଦଳେଇ, ମୁରଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସଭାପତି ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

## ନବବର୍ଷରେ ସାଂସଦଙ୍କ ବୃକ୍ଷରୋପଣ

ଭୁବନ,୪।୧ (ନି.ପ୍ର): ନୂତନ ବର୍ଷକୁ ପ୍ରତ୍ୟେକ ବ୍ୟକ୍ତି ଭିନ୍ନଭିନ୍ନ ଢଙ୍ଗରେ ପାଳନ କରୁଥିବା ବେଳେ ସାଂସଦ ମହେଶ ସାହୁ ଆଜି ଦିନିକିଆ ଭୁବନ ଗସ୍ତରେ ଆସି ୧ ନମ୍ବର ୱାର୍ଡ ସ୍ଥିତ ନିଗମାନନ୍ଦ ଆଶ୍ରମରେ ବୃକ୍ଷ ରୋପଣ କରି ନିଆରା ଢଙ୍ଗରେ ନବବର୍ଷ ପାଳନ କରିଥିଲେ । ବୃକ୍ଷ ହିଁ ଜୀବନ, ପରିବେଶ ବଂଚିଲେ ଆମେ ବଂଚିବା ବୋଲି ମତବ୍ୟକ୍ତ କରିଥିଲେ । ଆଶ୍ରମର ସତ୍ୱାଧିକାରୀ ଜୟଗୁରୁ ପାତ୍ର କରୋନା ଲକ୍‌ଡାଉନ ସମୟରେ ନିଜସ୍ୱ ଉଦ୍ୟମରେ ୧୬୦ ପ୍ରକାର ଔଷଧୀୟ ବୃକ୍ଷରୋପଣ କରିଥିବାରୁ ସାଂସଦ ଶ୍ରୀଯୁକ୍ତ ସାହୁ ଭୂୟଶୀ ପ୍ରଶଂସା କରିବା ସହ ଉତରୀୟ ପ୍ରଦାନ କରି ଶ୍ରୀ ପାତ୍ର ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଙ୍କ ସମେତ କୃଷକ ନେତା ବାସୁଦେବ ଗୁରୁ,ଚିତ୍ରଶିଳ୍ପୀ ନାରାୟଣ ସାହୁ,ବାଜିରାଉତ କଲେଜ ପୂର୍ବତନ ଅଧକ୍ଷ ନିତ୍ୟାନନ୍ଦ ପରିଡା,ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ପୃଷ୍ଟି,ଜିଲ୍ଲା ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର ବନଖଣ୍ଡରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ

ଗଞ୍ଜାମ,୪।୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡରେ ଆଜି ଠାରୁ ପକ୍ଷୀ ଗଣନା ଆରମ୍ଭ ହୋଇଛି । ଏଥିପାଇଁ ୩୮ ଟି ଟିମ୍ ଗଠନ କରାଯାଇଛି । ଦିଗପହଣ୍ଡି ରେଞ୍ଜ୍ ରେ ୧୨ଟି, ବ୍ରହ୍ମପୁର ରେଞ୍ଜ୍ ରେ ୧୦ ଟି, ଖଲ୍ଲିକୋଟ ରେଞ୍ଜ୍ ରେ ୧୦ ଟି ସାମନ୍ତିଆପଲ୍ଲୀ ରେଞ୍ଜରେ ୬ଟି ଏପରି ୩୮ଟି ଜଳାଶୟ ନିକଟରେ ଗୋଟିଏ ଲେଖାଏଁ ଦଳ ରହି ପକ୍ଷୀ ଗଣନା କରିବେ । ଚଳିତ ବର୍ଷ କିଛି ବିଦେଶୀ ପକ୍ଷୀ ଗଞ୍ଜାମ ଜିଲ୍ଲାକୁ ଆସିଥିବା ଆଶା କରାଯାଉଛି । ଟାମ୍ପରା ହ୍ରଦ, ଘୋଡ଼ାହାଡ଼ ଡ୍ୟାମ୍, ବାହୁଦା, ଋଷିକୂଲ୍ୟା ମୁହାଣ, କଳିଙ୍ଗଦଳା, ବାଘଲଟି ଡ୍ୟାମ୍, ହୁମା ଭଳି ଅନେକ ଜଳଶୟ ନିକଟରେ ଏହି ଗଣନା କରାଯିବ । ୨୦୨୦ ରେ ୩୨ଟି ପ୍ରଜାତିର ୧୨ ହଜାର ୩୩୨ ଟି ପକ୍ଷୀ ଗଣନା କରାଯାଇଥିଲା । ୨୦୧୯ରେ ୬୫ ପ୍ରଜାତିର ପକ୍ଷୀ ଦେଖାଦେଇଥିବା ବେଳେ ୨୦୧୮ ରେ ୬୩ ପ୍ରଜାତିର ୯୨୦ ପକ୍ଷୀ ଚିହ୍ନଟ ହୋଇଥିଲା । ସେହିପରି ୨୦୧୭ରେ ୮୨ଟି ପ୍ରଜାତିର ୧୩ ହଜାର ୫୧ ପକ୍ଷୀ, ୨୦୧୬ ରେ ୧୩ ହଜାର ୯୬୦ ଏବଂ ୨୦୧୫ ରେ ୧୩ ହଜାର ୮୩୪ ଟି ପକ୍ଷୀ ରହିଥିବା ଗଣନା ରିପୋର୍ଟରୁ ଜଣାପଡିଛି । ଏହି ସୂଚନା ଦେଇଛନ୍ତି ବ୍ରହ୍ମପୁର ଡ଼ିଏଫଓ ଅମ୍ଳାନ ନାୟକ । ଏହି ପକ୍ଷୀ ଗଣନା କାର୍ଯ୍ୟରେ ୮୦ ଜଣ ନିୟୋଜିତ ହେବା ସହ ବାଇନାକୁଲାର, କ୍ୟାମେରା, ଓ ଏହା କେଉଁ ପ୍ରଜାତିର ତାହା ଜାଣିବା ପାଇଁ ସାଙ୍ଗରେ ବହି ନେଇଛନ୍ତି । ସୂଚନା ଯୋଗ୍ୟ, ପକ୍ଷୀ ଗଣନା ପାଇଁ ବ୍ରହ୍ମପୁର, ଖଲ୍ଲିକୋଟ, ଦିଗପହଣ୍ଡି, ସାମନ୍ତିଆପଲ୍ଲୀ ରେଞ୍ଜ ଅଫିସର, ଫରେଷ୍ଟର ଓ ଗାର୍ଡ଼ଙ୍କୁ ପୂର୍ବରୁ ତାଲିମ୍ ଦିଆଯାଇଥିଲା ।

## ଶ୍ରୀରାମ ଜନ୍ମଭୂମିରେ ଭବ୍ୟ ମନ୍ଦିର ନିର୍ମାଣାର୍ଥେ ଆସନ୍ତା ୨୫ ତାରିଖରୁ ନିଧି ଆଦାୟ ନେଇ ଘରେ ଘରେ ପହଂଚିବେ ରାମ ଭକ୍ତ

ଜୟପୁର,୪।୧ (ନି.ପ୍ର): ଜୟପୁର ଠାରେ ଶ୍ରୀରାମ ଜନ୍ମ ଭୂମି ମନ୍ଦିର ନିର୍ମାଣ କୋରାପୁଟ ଜିଲା ବିଭାଗ ସ୍ତରିୟ ସାମ୍ବାଦିକ ସମ୍ମିଳନି ଆୟୋଜନ ହୋଇଛନ୍ତି । ଶ୍ରୀରାମ ଜନ୍ମଭୂମି ରେ ଭବ୍ୟ ମନ୍ଦିର ନିର୍ମାଣର୍ଥେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାର ୩ ହଜାର ଅଧିକ ରାଜସ୍ୱ ଗ୍ରାମରୁ ନିଧିର ସମର୍ପଣ ଏବଂ ସମ୍ପର୍କ ଅଭିଯାନ ଆରମ୍ଭ ହେବ । ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ମାଘ ପୂର୍ଣ୍ଣିମା ଯାଏ ସମସ୍ତ ଦେଶକୁ ଯୋଡିବା ପାଇଁ ଏକ ବ୍ୟାପକ ନିଧିର ସମର୍ପଣ ସମ୍ପର୍କ ଅଭିଯାନ ଆରମ୍ଭ ହେବ ବୋଲି ସୁଚନା ଦେଇଥିଲେ । ଆସନ୍ତା ୨୫ ତାରିଖରୁ ଆରମ୍ଭ ହେଇ ଆସନ୍ତା ଫେବୃଆରୀ ୧୦ ତାରିଖରେ ଏହି କାର୍ଯ୍ୟକ୍ରମ ଶେଷ ହେବ । ୧୦ ଟଙ୍କା ରୁ ଆରମ୍ଭ ହୋଇ ଗୋଟିଏ ପରିବାର ଠାରୁ ୧ ଶହ ଟଙ୍କା ରେ ନିଧି ସଂଗ୍ରହ କରାଯିବ । ରାମ ଭକ୍ତ ମାନେ ଚେକ, ଡ୍ରାଫ୍ଟ ଓ ଅନ ଲାଇନ ଡିପୋଜିଟ ମଧ୍ୟ କରିପାରିବେ ବୋଲି ସୂଚନା ଦିଆଯାଇଛି । ଯାହା ନିଧି ଆଦାୟ ହେବ ତାହା ଶ୍ରୀରାମଙ୍କ ନିକଟରେ ସମର୍ପଣ କରାଯିବ । ଆସନ୍ତା ୨୦୨୪ରେ ରାଷ୍ଟ୍ରର ମନ୍ଦିର ସମ୍ପୁର୍ଣ୍ଣ ହେବ ବୋଲି ସୂଚନା ଦିଆଯାଇଛି । ଏହି ନିଧି ଆଦାୟ ନେଇ ପ୍ରତ୍ୟେକ ଗ୍ରାମରେ ସମିତି କରାଯାଇଛି । ୨୫ ତାରିଖରୁ ପ୍ରତ୍ୟେକ ଘରେ ଘରେ ରାମ ଭକ୍ତ ପହଂଚି ନିଧି ଆଦାୟ କରିବେ । ୪୯୨ ବର୍ଷ ପରେ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଶ୍ରୀରାମ ଜନ୍ମ ଭୂମିରେ ଭଗବାନ ରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ହେବାକୁ ଯାଉଛି । ଏହା ଏକ ରାଷ୍ଟ୍ରର ମନ୍ଦିର ହେବାକୁ ଯାଉଥିବା ବେଳେ ଶ୍ରୀରାମ ମନ୍ଦିରରୁ ରାଜ୍ୟର ମାର୍ଗ ଏହି ଅଭିଯାନ ଦ୍ୱାରା ପ୍ରଶସ୍ତ ହେବ ବୋଲି ସାମ୍ବାଦିକ ସମ୍ମିଳନିରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ଓଡିଶା ପଶ୍ଚିମ ପ୍ରସ୍ତର ସହ ପ୍ରାନ୍ତ କାର୍ଯ୍ୟବାହ ହରିଶ୍ଚନ୍ଦ୍ର ପରିଡା, କୋରାପୁଟ ଜିଲା ଅଭିଯାନ ପ୍ରମୁଖ ଦୁର୍ଯୋଧନ ମାଲି ସହ ଅଭିଯାନ ପ୍ରମୁଖ ସୁଧାଂଶୁ ଶେଖର ଜେନା ଉପସ୍ଥିତ ରହି ସୁଚନା ପ୍ରଦାନ କରିଥିଲେ ।

## ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ମାମଲା : ୪ ଗିରଫ

ହରିଚନ୍ଦନପୁର,୪।୧ (ନି.ପ୍ର): ନୂଆବର୍ଷରେ ସମସ୍ତେ ନବବର୍ଷକୁ ସ୍ୱାଗତ କରି ଉତ୍ସବ ମନାଇବାରେ ବ୍ୟସ୍ତ ଥିବା ବେଳେ ସେହି ଦିନ ଜଣେ ବାପଛେଉଣ୍ଡ ୧୭ ବର୍ଷିୟା ଆଦିବାସୀ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି । ନାବାଳିକା ଜଣକ ଗାଁ ନିକଟସ୍ଥ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କୁ ଅଭିଯୁକ୍ତ ମାନେ ବଳ ପୂର୍ବକ ସେଠାରୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିଲେ । ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଘଷିପୁରା ଥାନା ଅନ୍ତର୍ଗତ ଜଳନଣ୍ଡା ଗ୍ରାମରେ । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଘଷିପୁରା ଥାନାରେ ଏତଲା ପରେ ପୋଲିସ ଶିଶୁଯୌନ ନିରୋଧ ଆଇନ ବଳରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ସେହି ଗ୍ରାମର ଚୁଗୁଲୁ ନାଇକ, ବଳିଆ ନାଇକ, କୁନା ନାଇକ ଏବଂ ନେତ ନାଇକ ।

# କୋଭିଡ କଟକଣା ଭିତରେ ସମସ୍ତ ମନ୍ଦିର ଖୋଲିଲା

ଜୟପୁର,୪।୧ (ନି.ପ୍ର): କୋରାପୁଟ ଜିଲାର ସମସ୍ତ ମନ୍ଦିର ଦିର୍ଘ ୯ ମାସ ପରେ ଆଜି ଖୋଲାହୋଇଛି । କୋଭିଡ ନିୟମ ଅନୁଯାଇ ମନ୍ଦିର ଖୋଲାଯାଇଛି । ଜିଲା ପ୍ରଶାସନର ନିଦ୍ଦେଷ ଅନୁଯାଇ ଡିସେମ୍ବର ୩୦ ତାରିଖରେ ଗୋଟିଏ ଦିନ ଖୋଲା ରହିଥିବା ବେଳେ ପୁଣି ବନ୍ଦ ହୋଇ ଆଜି ଠାରୁ ଖୋଲା ରହିବ । ବନ୍ଦ ଯୋଗୁଁ ଭକ୍ତ ଓ ଭଗବାନ ଙ୍କ ମଧ୍ୟରେ ଦୁରତା ସୃଷ୍ଟି ହୋଇଥିଲା । ସେବାୟତ ଓ ପୁଜକ ମାନଙ୍କୁ ବହୁ ଆସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା । ଦୀର୍ଘ ୯ ମାସର ବ୍ୟବଧାନ ପରେ ଜିଲା ପ୍ରଶାସନର ନିଦ୍ଦେଷ କ୍ରମେ ଏହାର ଅନ୍ତ ଘଟିଛି । ମନ୍ଦିର ସମ୍ମୁଖରେ ପୋଲିସ ତରଫରୁ ସୁରକ୍ଷାକୁ କଡା କଡି କରାଯାଇଥିବା ବେଳେ ମନ୍ଦିର ଭିତରେ ପ୍ରବେଶ ପୁର୍ବରୁ ସ୍ୱାସ୍ଥ୍ୟ କର୍ମୀ ତରଫରୁ ଟେମ୍ପେରଚର ଯା କରିବା ସହ ସାନିଟାଇଜରରେ ହାତ ସଫା କରିବା ପରେ ମନ୍ଦିର ଭିତରକୁ ଛାଡୁଛନ୍ତି । ଯାହାର ଟେମ୍ପେରଚର ଅଧିକା ରହିଛି ସେ ମାନଙ୍କୁ ମନ୍ଦିର ଭିତରକୁ ଛାଡୁ ନଥିବା ଲକ୍ଷ୍ୟ କରାଯାଇଛି । ଏହା ସହ ମାସ୍କ ମଧ୍ୟ ବଂଟନ କରାଯାଉଛି । ମାସ୍କ ପିନ୍ଧି ନଥିଲେ ମନ୍ଦିର କୁ ପ୍ରବେଶ ମନା ହୋଇଛି । ମନ୍ଦିରର ପ୍ରେବଶ କରୁଥିବା ଭକ୍ତ ଙ୍କ ତାଲିକା ମଧ୍ୟ ରଖାଯାଉଛି । କୋଭିଡ ନିୟମ ଅନୁଯାୟୀ ଜୟପୁର ବଲ୍ଲଭ ନାରାୟଣ, ଜଗନ୍ନାଥ ମନ୍ଦିର, ଅଧିଷ୍ଠାତ୍ରୀ ମାଁ ଭଗବତୀ, ମାଁ ଦକ୍ଷିଣ କାଳି, ପଂଚାନନ ଅଷ୍ଟ ଶମ୍ଭୁ କ୍ଷେତ୍ର , ବୈଦ ନାଥ ମନ୍ଦିର, ଉଗ୍ରତାରା , ଜଗତ ଜନନି ମନ୍ଦିର ପରି ସମସ୍ତ ମନ୍ଦିର ଖୋଲାଯାଇଛି । ଦୀର୍ଘ ୯ ମାସ ଖାଁ ଖାଁ ଥିବା ମନ୍ଦିର ଏବେ ଚଳଚଂଚଳ ହୋଇ ଉଠିଛି । ଏ ସବୁର ତଦାରଖ ପୌର ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢୀ କରୁଛନ୍ତି ।

## ରାକେଶ ସାହୁ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ

କୋରେଇ, ୦୩ ଜାନୁଆରୀ (ହି.ସ.)- ରାଜ୍ୟ ଯୁବ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ପାଣିକୋଇଲିର ଯୁବ ସଙ୍ଗଠକ ଶ୍ରୀ ମାନ ରାକେଶ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି । ଏଥି ପାଇଁ ସେ କଂଗ୍ରେସ ଅଡଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତି ରଂଜନ ଲେଙ୍କା ସମେତ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ପୂର୍ବତନ ରାଜ୍ୟସଭା ସଂସଦ ରାମ ଚନ୍ଦ୍ର ଖୁଂଟିଆ, ରାଜ୍ୟ କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଡ. ବିଶ୍ୱରଂଜନ ମହାନ୍ତି ଓ ଯାଜପୁର କଂଗ୍ରେସ ସଭାପତି ମନୋଜ ରାଉତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ରାକେଶ ୨୦୧୦/୧୧ରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ରୂପେ କାର୍ଯ୍ୟଭାର ତୁଲାଇଥିଲେ । ଏହି ନବ ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

## କୋଭିଡ କଟକଣା ମଧରେ ଶ୍ରୀ ବଳଦେବଜୀୟୁଙ୍କୁ ଦର୍ଶନ କଲେ ଭକ୍ତ

କେନ୍ଦ୍ରାପଡ଼ା,୪।୧ (ନି.ପ୍ର): କେନ୍ଦ୍ରାପଡାର ଆରାଧଦେବ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ରେ ଜାନୁୟାରୀ ୩ ତାରିଖ ରବିବାର ଠାରୁ ସାମୁହିକ ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କରୋନା କଟକଣା ପାଇଁ ଦୀର୍ଘ ୯ମାସ କାଳ ମନ୍ଦିର ପ୍ରବେଶ ବାରଣ କରାଯାଇ ବନ୍ଦ ରହିଥିଲା । ତେବେ ଦୈନିକ ଦର୍ଶନ କରୁଥିବା ଶ୍ରଦ୍ଧାଳୁ ମାନେ ଅରୁଣ ସ୍ତମ୍ଭ ନିକଟରେ ବଡ ଠାକୁରଙ୍କୁ ଦର୍ଶନ କରି ଫେରି ଯାଉଥିଲେ । ଆଜି ସକାଳୁ ଚିରାଚରିତ ପ୍ରଥା ଅନୁଯାୟୀ ପକୁଡି ଆଳତୀ ଦର୍ଶନ ଠାରୁ ପୂର୍ବପରି ବଡ ସିଂହାର ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି । ସକାଳୁ ପ୍ରଶାନ ପକ୍ଷରୁ ପୋଲିସ ଜଗୁଆଳି ମଧରେ କଟକଣା ସହିତ ୧୫-୧୫ ଜଣ କରି ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିର ପ୍ରବେଶ ଅନୁମତି ମିଳୁଥିଲା । ପ୍ରତେୟକ ଦର୍ଶନାର୍ଥୀ ମାସ୍କ ପିନ୍ଧିବା ସହିତ ସାନିଟାଇଜର ଲଗାଇ ସାମାଜିକ ବ୍ୟବଧାନ ମଧରେ ମନ୍ଦିରକୁ ଦର୍ଶନ କରି ଫେରୁଥିଲେ । ତବେ ଜଗମୋହନ ମଝି ଦେଉଳ ପର୍ଯ୍ୟନ୍ତ ଦର୍ଶନାର୍ଥୀଙ୍କୁ ପ୍ରବେଶ ଅନୁମତି ଥିବାବେଳେ ସିଂହାସନ ନିକଟକୁ କାହାରିକୁ ଛଡାଯାଇ ନଥିଲା । ସେହିପରି ମନ୍ଦିର ଭିତରେ ପ୍ରସାଦ ସେବନ ଓ ବିତରଣ କିଛିଦିନ ପାଇଁ ସ୍ଥଗିତ ରହିଥିବା ଜଣା ପଡିଛି । ନୂଆବର୍ଷ ୨୦୨୧ ଉପଲକ୍ଷେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ପାଇଁ ଲମ୍ବା ଧାଡିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି ।

## ଜୀବିକା ମିଶନ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଭଦ୍ରକ,୪।୧ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଂଚାୟତରେ ଜୀବିକା ମିଶନ ନିଯୁକ୍ତିରେ ଅନୀୟମିତତା ହୋଇଥିବା ଅଭିଯୋଗ ହୋଇଛି । ମହିଳା ସଶକ୍ତିକରଣକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମ୍ପ୍ରତି ଚାଲିଥିବା ଗ୍ରାମସ୍ତରୀୟ କ୍ଲଷ୍ଟର ରିସୋର୍ସ ପର୍ସନ, ମାଷ୍ଟର ବୁକ କିପର ପଦବୀରେ ନିଯୁକ୍ତି ପ୍ରକ୍ରିୟାକୁ ଏଡାଯାଇ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି । ଦକ୍ଷିଣବାଡ ପଂଚାୟତର ମାଷ୍ଟର ବୁକ କିପର ପଦବୀ ପାଇଁ ଥିବା ଆବେଦନକାରିଣୀ ସୁଜାତା ଜେନା ଏଥିନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ସଂପୃକ୍ତ ନିଯୁକ୍ତି ନିୟମାବଳୀକୁ ଜଳାଞ୍ଜଳୀ ଦିଆଯାଇ ପାତରଅନ୍ତର ଭାବେ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଆଠବର୍ଷର ପୁରୁଣା ମା'ତାରେଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଭାବେ ଦାଇତ୍ୱ ତୁଲାଉଥିବା ସୁଜାତା ଜେନା ପଂଚାୟତ ସଂଘରେ ମାଷ୍ଟର ବୁକ କିପର ପଦବୀ ପାଇଁ ଅନ୍ୟତମ ଆବେଦନକାରୀ ଥିଲେ । ମାତ୍ର ବର୍ଷେ ହେବ ଗଠିତ ହୋଇଥିବା ସତ୍ୟସାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଥିବା ସ୍ୱର୍ଣ୍ଣଲତା ବାରିକଙ୍କୁ ଚଞ୍ଚକତା କରି ନିଯୁକ୍ତି ଦିଆଯିବା ଉଦ୍ଦେଶ୍ୟରେ ଗରିବ ବର୍ଗର ଦର୍ଶାଯାଇ ଅଧିକ ପାଂଚ ମାର୍କ ଦିଆଯାଇଛି । ସର୍ଭେ ରିପୋର୍ଟରେ ମଧବିତ ଉଲ୍ଲେଖ ରହିଥିଲେ ମଧ ଗରିବ ଶ୍ରେଣୀ ଭାବେ ବିବେଚନାକୁ ଅଭିଯୋଗକାରିଣୀ ସୁଜାତା ପ୍ରଶ୍ନ ଉଠାଇଛନ୍ତି । ସେହିପରି ଉପଯୁକ୍ତ ନିଯୁକ୍ତି କମିଟି ଗଡାଯାଇନଥିବା ଓ ମୌଖିକ ପରୀକ୍ଷା ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥିବା ନେଇ ଅଭିଯୋଗରେ ଆପତି କରି ତଦନ୍ତ ଦାବି କରିଛନ୍ତି । ମାତ୍ର ଏହି ଅଭିଯୋଗ ଭିତିହୀନ ବୋଲି ମତ ଦେଇଛନ୍ତି ଜୀବିକା ମିଶନ ପାଇଁ ବ୍ଲକରେ ଦାଇତ୍ୱ ତୁଲାଉଥିବା ବ୍ଲକ ପ୍ରୋଗ୍ରାମ ମ୍ୟାନେଜର । ନିଯୁକ୍ତି ପାଇଁ ସମସ୍ତ ପ୍ରକ୍ରିୟାକୁ କଡାକଡି ଭାବେ ଅନୁସରଣ କରାଯାଇଛି । ନିଯୁକ୍ତି ସୁଯୋଗ ହାତଛଡା ହୋଇଥିବାରୁ ଏଭଳି ଅଭିଯୋଗ କରାଯାଉଛି ବୋଲି ବିପିଏମ ପ୍ରକାଶ କରିଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ବିଭିନ୍ନ ପଂଚାୟତରେ ଏହି ନିଯୁକ୍ତି ବିବାଦ ଲାଗିରହିଛଇ । ଏଥିପାଇଁ ରଣଜିତ ପଞ୍ଚାୟତରେ ଗଣ୍ଡଗୋଳ ଘଟିଥିବା ବେଳେ ଅନ୍ୟାନ୍ୟ ପଂଚାୟତରୁ ଏକାଧିକ ମାମଲା କୋର୍ଟକୁ ଗଲାଣି ।

## କ୍ରମାଗତ ଚୋରୀ ଘଟଣାରେ ୪ କୋର୍ଟ ଚାଲାଣ

କୋରେଇ,୪।୧ (ନି.ପ୍ର): ଯାଜପୁର ଜିଲ୍ଲାର ପାଣିକୋଇଲି ଥାନା ଅନ୍ତର୍ଗତ ବଜାରରେ ଥିବା ସୂର୍ଯ୍ୟମଣୀ ଧଳଙ୍କ ଫଳ ଦୋକାନରୁ ଚଳିତ ମାସ ୧ ତାରିଖ ଦିନ ବିଳମ୍ବିତ ରାତିରେ କିଛି ଦୁର୍ବୃତ ଦୋକାନର ତାଟି ତାଡ଼ି କମ୍ପ୍ୟୁଟର ଓଜନ କଂଟା, ଇନଭର୍ଟର, ଫ୍ୟାନ ଓ ୫୦ କିଲୋ ଖଜୁରୀକୋଳି ଚୋରୀ ହୋଇଥିବାର ଶ୍ରୀ ଧଳ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଏତଲାକୁ ଭିତି କରି ପୁଲିସ ଏକ ମାମଲା ରୁଜୁ କରିବା ସହିତ ଏହି ଥାନା ଅନ୍ତର୍ଗତ ଅରୁଣ ପରିଡ଼ାଙ୍କ ପୁଅ ଅଶୋକ ପରିଡ଼ା ଓରଫ ଗୁଡୁ ଓ କାଶୀନାଥ ଖଣ୍ଡାଇଙ୍କ ପୁଅ ରାଜେନ୍ଦ୍ରକୁ ଜିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଅନ୍ୟ ଏକ ଘଟଣାରେ ବଡ଼ବିରୁହାଁ ଗ୍ରାମର ଗଣେଶ୍ୱର ମାଝୀଙ୍କ ଏକ ଭିଭୋ ମୋବାଇଲକୁ ସାହାପୁର ହାଟରେ ପରିବା କିଣୁଥିବା ବେଳେ ଅସାବଧନତାର ସୁଯୋଗ ନେଇ ଆନ୍ଧ୍ରପ୍ରଦେଶ ରାଜ୍ୟ ପଶ୍ଚିମ ଗୋଦାବରୀ ରାଜ୍ୟର ଚିନ୍ତା ପ୍ରଭୁ ଚୋରି କରି ନେଇଥିଲା । ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ପରିଚୟ ପତ୍ରରେ ସୀମିତ ନିର୍ମାଣ ଶ୍ରମିକ ସହାୟତା : ପଞ୍ଜିକରଣର ୭ ବର୍ଷ ପରେ ମଧ୍ୟ ମିଳୁନି ସହାୟତା

ଭଦ୍ରକ, ୩ ଜାନୁଆରୀ (ହି.ସ.) - ଭଦ୍ରକ ଜିଲ୍ଲାରେ ପରିଚୟ ପତ୍ରରେ ସୀମିତ ରହିଛି ନିର୍ମାଣ ଶ୍ରମିକ ସହାୟତା । ପଞ୍ଜିକରଣ କରିବାର ୭ ବର୍ଷ ପରେ ମଧ୍ୟ ଶ୍ରମିକଙ୍କୁ ମିଳୁନି ନିର୍ମାଣ ଶ୍ରମିକ ସହାୟତା । ତେଣେ ନିର୍ମାଣ ଶ୍ରମିକଙ୍କ ନାମରେ ଜାଲ ପରିଚୟପତ୍ର କରି ଅଣ ନିର୍ମାଣ ଶ୍ରମିକ ମାନେ ହାତେଇ ନେଉଛନ୍ତି କୋଟି କୋଟି ଟଙ୍କାର ନିର୍ମାଣ ଶ୍ରମିକ ସହାୟତା । କିଛି ତଥାକଥିତ ଶ୍ରମିକ ସଙ୍ଗଠନ,ଶ୍ରମ ନିୟୋଜନକାରୀ ସଂସ୍ଥା ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀ ଙ୍କ ସଲାସୁତୁରାରେ ଏହି ଜାଲିଆତି ଚାଲିଥିବା ଅଭିଯୋଗ ହୋଇଛି । କାର୍ଯ୍ୟରତ ନିର୍ମାଣ ଶ୍ରମିକ ମାନଙ୍କ ସାମାଜିକ ନିରାପତ୍ତା ଏବଂ ଆର୍ଥିକ ସହାୟତା ସକାସେ ଗତ ୨୦୧୩ ମସିହାରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇ ଶ୍ରମିକ ପଞ୍ଜିକରଣ ଆରମ୍ଭ ହୋଇଥିଲା । ଏହି ପଞ୍ଜିକରଣ ମୁଳେ ନିର୍ମାଣ ଶ୍ରମିକ ମାନଙ୍କୁ ଶ୍ରମ ବିଭାଗ ପକ୍ଷରୁ ପରିଚୟପତ୍ର ଯୋଗାଣ ସହିତ କଲ୍ୟାଣ ପାଂଠିରୁ ବିଭିନ୍ନ ଆର୍ଥିକ ସହାୟତା ଯୋଗାଣ ଆରମ୍ଭ ହୋଇଥିଲା । ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସୁଚନା ଅନୁଯାଇ ଗତ ୭ ବର୍ଷ ମଧ୍ୟରେ ଭଦ୍ରକ ଜିଲ୍ଲାରେ ପ୍ରାୟ ୯୬ ହଜାର ଶ୍ରମିକ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୪୬ ହଜାର ୧୪୫ ଜଣ ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ ପାଂଠିରୁ ୨୭ କୋଟି ୭୨ ଲକ୍ଷ ୩୯ ହଜାର ୧୬୦ ଟଙ୍କାର ବିଭିନ୍ନ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏଥିରେ ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଠ ପଢା ବାବଦକୁ ସର୍ବାଧିକ ୧୧ କୋଟି ୧୩ ଲକ୍ଷ ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ନିର୍ମାଣ ଶ୍ରମିକଙ୍କୁ ଯନ୍ତ୍ରପାତି ସହାୟତା,ବାଇସାଇକେଲ,ସୁରକ୍ଷା ଯନ୍ତ୍ରପାତି,ବିବାହ,ପ୍ରସୂତିକାଳିନ ଆର୍ଥିକ ସହାୟତା ଏବଂ ମୃତ୍ୟୁ ତଥା ଅନ୍ତିମ ସତ୍କାର ଜନିତ ସହାୟତା ବାବଦକୁ ଅବଶିଷ୍ଟ ଅର୍ଥ ଯୋଗାଇ ଦିଆଯାଇଛି । ତେବେ ଗତ ୭ ବର୍ଷ ମଧ୍ୟରେ ଶ୍ରମିକ କଲ୍ୟାଣ ପାଂଠିରୁ ଜିଲ୍ଲାରେ ପଞ୍ଜିକରଣ କରିଥିବା ୪୬ ହଜାରରୁ ଉର୍ଦ୍ଧ ନିର୍ମାଣ ଶ୍ରମିକଙ୍କୁ ଊଣାଅଧିକ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲେ ମଧ୍ୟ ଏହି ସୁବିଧାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ ପଡିବା ଘଟଣା ଶ୍ରମିକ କଲ୍ୟାଣ ପାଂଠି ବିନିଯୋଗର ଯଥାର୍ଥତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସୁଚନା ଅନୁଯାଇ ରାଜ୍ୟରେ ଶ୍ରମିକ କଲ୍ୟାଣ ଯୋଜନା ଏବଂ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ ହେବା ପରେ ଗତ ୨୦୧୩ ମସିହାରେ ଭଦ୍ରକ ଗ୍ରାମାଂଚଳ ଥାନା ନଳାଙ୍ଗ ବାରିକପୁର ଅଂଚଳର ଦୁଃଶାସନ ମହାରଣା(ପରିଚୟ ପତ୍ର ନଂ ଓଆର ୦୪-୬୮୬୭/୨୪/୮/୨୦୧୩) ନାମକ ଜଣେ ଗରୀବ ନିର୍ମାଣ ଶ୍ରମିକ ନିଜର ଏକମାତ୍ର ପୁଅର ପାଠ ପଢା ପାଇଁ କଲ୍ୟାଣ ପାଂଠିରୁ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ । ହେଲେ ପୁଅର ସ୍କୁଲ ଶିକ୍ଷା ସରି ଏବେ କଲେଜ ଶିକ୍ଷା ଆରମ୍ଭ ହେବାକୁ ବସିଥିଲେ ମଧ୍ୟ ଏଯାଏ ତାଙ୍କୁ ମିଳିଲାନି ଟଙ୍କାକର ଆର୍ଥିକ ସହାୟତା । ଦୁଃଶାସନଙ୍କ କହିବା ଅନୁଯାଇ କେବଳ ଶିକ୍ଷା ସହାୟତା ନୁହେଁ ଗୃହ ନିର୍ମାଣ,ଯନ୍ତ୍ରପାତି ଏବଂ ସାଇକେଲ ସହାୟତା ସକାସେ ସେ ବାରମ୍ବାର ଆବେଦନ କରି ଆସୁଛନ୍ତି ହେଲେ ସରକାରୀ ଫାଇଲତଳେ ହଜିଯାଉଛି ତାଙ୍କର ଆବେଦନ । ସେହିଭଳି ତିହିଡି ବ୍ଲକର ସନାତନ ଦାସ ନାମକ ଜଣେ ନିର୍ମାଣ ଶ୍ରମିକ ତାଙ୍କ ଝିଅ ବିଭାଘର ସକାସେ କଲ୍ୟାଣପାଂଠିରୁ ଆର୍ଥିକ ସହାୟତା ପାଇଁ ଆବେଦନ କରିବାର ଇତିମଧ୍ୟରେ ୪ ବର୍ଷ ବିତିଥିଲେ ମଧ୍ୟ ତାଙ୍କୁ ଏଯାଏ ସହାୟତା ମିଳି ନାହିଁ । ତେଣେ ଋଣ କରଜ କରି ଝିଅ ବିଭାଘର କରିଥିବା ସନାତନ ଏବେ ଋଣ ବୋଝରେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

## ଜି ସାର୍ଥକର ସାରେଗାମାପା ମହାମଂଚର ଶୁଭାରମ୍ଭ

ପୁରୀ,୪।୧ (ନି.ପ୍ର): ନୂଆବର୍ଷ ଉପଲକ୍ଷେ ମନୋରଞ୍ଜନ ଚ୍ୟାନେଲ ଜି ସାର୍ଥକର ସାରେଗାମାପା ସ୍ୱରର ମହାମଂଚ ବଳିଆପଣ୍ଡା ସ୍ୱର୍ଣ୍ଣାଭ ବେଳାଭୂମିଠାରେ ବାଲୁକା କଳା ମାଧ୍ୟମରେ ଆରମ୍ଭ ହୋଇଛି । ଏହି ସୁରସଂଗୀତ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ସଂଗୀତ ନିର୍ଦ୍ଦେଶକ ଗୁଡୁଲି ରଥ, କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଦୀପ୍ତିରେଖା ପାଢୀ, ଘୋଷକ ସୁଲଗ୍ନା, ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପ୍ରମୁଖ ଯୋଗଦେଇ ନୂଆବର୍ଷରେ ନୂଆ ଆଶା ନେଇ ସାରେଗାମାପା ଓଡିଶାର କଳାପ୍ରେମୀ ଜନତାଙ୍କୁ ବେଶ୍ ଉତ୍ସାହିତ କରିବ ବୋଲି ସେମାନେ ପ୍ରକାଶ କରିଥିଲେ । ପରେ ପରେ ହୋଟେଲ ହଂସ କୋକୋପ୍ଲାମଠାରେ ମହାଶୁଭାରମ୍ଭ ତଥା ପ୍ରିମିୟର ଆରମ୍ଭ ହୋଇଥିଲା । ଜି ଏଂଟରଟେମେଂଟଣ୍ଟ ଏଂଟରପ୍ରାଇସ୍ ଲିମିଟେଡର କ୍ଲଷ୍ଟର ମୁଖ୍ୟ ସମ୍ରାଟ ଘୋଷ କହିଲେ, ନୂତନ ଦିଗଦର୍ଶନ ନେଇ ସାରେଗାମାପା ଅନଲାଇନ୍ ଅଡିସନ ଆରମ୍ଭ ହୋଇଛି । ଏଥିରେ ୩୫୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏପରି କାର୍ଯ୍ୟକ୍ରମକୁ ପସନ୍ଦ କରିଛନ୍ତି । ନୂତନ ପ୍ରତିଭା ସଂଗୀତ ଦୁନିଆରେ ନୂଆବାଟ ଖୋଲିବା ପାଇଁ ଏହା ଏକ ମହାମଞ୍ଚ ବୋଲି ଶ୍ରୀ ଘୋଷ କରିଥିଲେ । ଏହାର ବିଜିନେସ୍ ମୁଖ୍ୟ ଅର୍ଘ୍ୟ ଚୌଧୁରୀ କହିଲେ ୨୦୨୦ ବିଶ୍ୱ ମହାମାରୀ କରୋନା ଯୋଗୁଁ ସଂଗୀତ ପ୍ରେମୀ ସ୍ତବ୍ଧ ହୋଇଯାଇଥିଲେ । ଏହି କାର୍ଯ୍ୟକ୍ରମ ଯୋଗୁଁ ଏବେ ସମସ୍ତେ ଆନନ୍ଦିତ ହେବାରେ ଲାଗିଛନ୍ତି । ଗ୍ରାଣ୍ଡ ଅଡିସନ ପରେ ଦର୍ଶକମାନେ ଅନଲାଇନ୍ ଦ୍ୱାରା ସେମାନଙ୍କ ମତ ଦେଇପାରିବେ । ସାରେଗାମାପା ସ୍ୱରର ମହାମଞ୍ଚରେ ୨୦୨୧ର ପ୍ରତିଯୋଗୀ ଦେବାଶିଂ ଦାଶ, ଦର୍ଶନା କର, ପାୟଲ ମହାନ୍ତି, ଇପସିତ ପତି, ଶିବଶଙ୍କର ଷଡଙ୍ଗୀ, ଆଶିଷ ମହମ୍ମଦ ପ୍ରମୁଖ ସ୍ୱତନ୍ତ୍ର ସଂଗୀତ ପ୍ରଦର୍ଶନ ଉପସ୍ଥାପନ କରିଥିଲେ । ପ୍ରସିଦ୍ଧ ଗାୟିକା ଦିପ୍ତିରେଖା ପାଢୀ ତାଙ୍କ ସୁମଧୁର କଣ୍ଠରେ ସଂଗୀତ ପରିବେଷଣ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

# ଶିଶିର ସ୍ମାରକୀ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ



ନୀଳଗିରି,୦୪।୦୧ (ନି.ପ୍ର): ନୀଳଗିରି ସହରର ସମାଜସେବୀ ତଥା ପୂର୍ବତନ ଆର୍.ଆଇ. ଶିଶିର ମହାପାତ୍ରଙ୍କ ସ୍ମୃତିରେ ନୀଳଗିରି ପୋଷ୍ଟ ଅଫିସ୍ ନିକଟରେ ଆନ୍ତଃରାଜ୍ୟ ବ୍ୟାଡମିଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ନୀଳଗିରିର ଅଲ୍ ସିଜିନ୍ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ୧୬ତମ ଶିଶିର ମହାପାତ୍ର ବ୍ୟାଡମିଟନ ଟୁର୍ଣ୍ଣାମେଂଟ୍‌ର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ବିଜେଡ଼ିର ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ମ୍ୟାଚ୍‌ରେ ବାଲେଶ୍ୱର ଓ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱରର ଜୟ ପ୍ରକାଶ ଓ ରାହୁଲ ଚମ୍ପିୟାନ ହୋଇଥିବା ବେଳେ ଅନୁଗୁଳର ଅମ୍ଳାନ ଓ ଶିବୁ ରନର୍ସ ଅଫ୍ ହୋଇଥିଲା । ସ୍ଥାନୀୟ ନୀଳଗିରି ଅଂଚଳର ରାଜା ଓ ଗୁଡ୍ଡୁ ଚମ୍ପିୟାନ ହୋଇଥିବା ବେଳେ ସନୁ ଓ ମୃତ୍ୟୁଞ୍ଜୟ ରନର୍ସ ଅଫ୍ ହୋଇଛନ୍ତି ।ସ୍ୱ ଶିଶିର ମହାପାତ୍ରଙ୍କ ବଡ଼ପୁଅ ଶିତିକଣ୍ଠ ମହାପାତ୍ର ଉଭୟଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।

# ୨ ଭାଇ ମଧ୍ୟରେ ଦୋକାନ ଘରକୁ ନେଇ ମାରପିଟ : ଥାନାରେ ମାମଲା

ନୀଳଗିରି,୦୪।୦୧ (ନି.ପ୍ର):ଏକ ଦୋକାନ ଘରକୁ କେନ୍ଦ୍ର କରି ଦୁଇ ଭାଇ ମଧ୍ୟରେ ମାରପିଟ ଯୋଗୁଁ ନୀଳଗିରି ଥାନାରେ ପୃଥକ ପୃଥକ ଭାବେ ଅଭିଯୋଗ କରିଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ସଜନାଗଡ଼ ବଜାରରେ ବିଶ୍ୱନାଥ ବେହେରା ଏକ ଜଳଖିଆ ଦୋକାନ କରିଥିବା ବେଳେ ଏହି ଦୋକାନକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ ଗଣ୍ଡୋଗଳ ଯୋଗୁଁ ମାମଲା ମାନ୍ୟବର ହାଇକୋର୍ଟରେ ବିଚାରଧିନ ଅଛି। ଏହାକୁ କେନ୍ଦ୍ର କରି ଏକ ମିସ୍‌କେଶ୍ ନଂ - ୩୦/୨୦୧୫ରେ ହୋଇଥିଲା। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଦୋକାନରେ ୨ଟି ଚାବି ପଡ଼ିଛି । ଏହି ଦୋକାନକୁ ଉଭୟ ବ୍ୟବହାର କରି ପାରିବେ ନାହିଁ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ସୋମବାର ଦିନ ପ୍ରାୟ ୧୨ଟା ସମୟରେ ଚକ୍ରଧର ବେହେରା, ରଘୁନାଥ ବେହେରା, ରଣଜିତ୍ ବେହେରା, ଜଗନ୍ନାଥ ବେହେରା, ମନୋରମା ବେହେରା, ପାର୍ବତୀ ବେହେରା ମିଳିତ ଭାବେ ଦୋକାନର ଚାବିକୁ ଏକ ଧାରୁଆ ହେସ୍କରେ କାଟୁଥିବା ବେଳେ ବିଶ୍ୱନାଥ ବେହେରା ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ବିଚ୍‌ରାସ୍ତାରେ ବିଧା, ଗୋଇଠା ମାରିବା ସହିତ ଭୁଜାଲିରେ ମାରଣାତ୍ମକ ଆକ୍ରମଣ କରିଥିବା ନେଇ ବିଶ୍ୱନାଥ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଆକ୍ରମଣରେ ବିଶ୍ୱନାଥ ଗୁରୁତର ହୋଇଥିବାର ଜଣା ପଡ଼ିଛି । ଅନୁରୂପ ଭାବେ ରଘୁନାଥ ବେହେରାଙ୍କୁ ବିଶ୍ୱନାଥ ବେହେରା ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିଥିବାର ନୀଳଗିରି ଥାନାରେ ଅଭିଯୋଗ କରିଛି । ସୂଚନା ଥାଉକି ଚକ୍ରଧର ବେହେରା ଶ୍ରୀପତି ଆଶ୍ରମ ହାଇସ୍କୁଲ୍‌ରେ ସି.ସି.ଏ. ଭାବେ ଚାକିରୀ କରିଥିବା ବେଳେ ସ୍କୁଲ୍‌କୁ ନଯାଇ ଗଣ୍ଡୋଗୋଳରେ ସାମିଲ ହେବା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ ବୋଲି ସାଧାରଣରେ ଦାବୀ ହେଉଛି । ଘଟଣାକୁ ନେଇ ନୀଳଗିରି ଥାନାରେ ସବ୍‌ଇନିସ୍‌ପେକ୍ଟର ବାସୁଦେବ ଜୟସିଂହ ତଦନ୍ତ କରୁଥିବାର ଜଣାପଡିଛି।

## ସୁରତ୍ ଠାରେ ‘ପ୍ରବାସୀ କେନ୍ଦ୍ର’ର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ସୁରତ/ଭୁବନେଶ୍ୱର,୦୪।୦୧ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଗୁଜୁରାଟର ସୁରତ ଗସ୍ତ କରି ସେଠାରେ ‘ପ୍ରବାସୀ କେନ୍ଦ୍ର’ର ଉଦ୍‌ଘାଟନ କରିବା ସହ ଏହି କେନ୍ଦ୍ର ସହରରେ କାମ କରୁଥିବା ସବୁ ପ୍ରବାସୀ ଓଡିଆଙ୍କ ସମେତ ଲକ୍ଷାଧିକ ପ୍ରବାସୀଙ୍କୁ ସବୁ ପ୍ରକାରର ସହାୟତା ପ୍ରଦାନ କରିବା ସଙ୍ଗେସଙ୍ଗେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବାରେ ମଧ୍ୟ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ଦେଶରେ ପ୍ରବାସୀଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦେବା ସହ ସେମାନଙ୍କ ଉନ୍ନତି ପାଇଁ ବଦ୍ଧପରିକର । ଆଜି ଲୋକାର୍ପିତ ହୋଇଯାଇଥିବା ପ୍ରବାସୀ କେନ୍ଦ୍ର ପ୍ରବାସୀ ଶ୍ରମିକମାନଙ୍କର ଏକ ସବିଶେଷ ରୂପରେଖ ପ୍ରସ୍ତୁତ କରିବା ସହ ସେମାନଙ୍କୁ ସେମାନଙ୍କର ଦକ୍ଷତା ଅନୁଯାୟୀ ଶ୍ରେଣୀଭୁକ୍ତ କରିବ ତଥା କାମ ପ୍ରଦାନ କରିବ । ଏହା ଦ୍ୱାରା ଭାରତ ସରକାରଙ୍କ ‘ଶ୍ରମଶକ୍ତି’ ସହ ସମ୍ପୃକ୍ତ ଶିଳ୍ପ ସହିତ ସଂଯୋଗ କରିବା ଓ ପ୍ରବାସୀଙ୍କ ଜୀବିକା ବୃଦ୍ଧି ଏବଂ ସେମାନଙ୍କର ସମ୍ମାନକୁ ସୁନିର୍ଶ୍ଚିତ କରିବ । ମାଇଁ ସୁରତ ଦ୍ୱାରା ଏଭଳି ପଦକ୍ଷେପ ନିଆଯାଇଥିବା ବେଳେ ସହରର ଜୀବନଜୀବିକା କେନ୍ଦ୍ର ସହିତ ସଂଯୋଗ ଥିବା ପ୍ରବାସୀମାନେ ଅଧିକ ଉପକୃତ ହୋଇପାରିବେ । କରୋନାର ଆହ୍ୱାନ ପ୍ରବାସୀ ଶ୍ରମିକଙ୍କ ପାଇଁ ପଦକ୍ଷେପ ନେବାର ଉଦ୍ୟମ ତଥା ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଭଲ ଯୋଜନା ହେବା ଆବଶ୍ୟକତା ରହିଥିବାର ମାର୍ଗ ଦେଖାଇଛି । ସମଗ୍ର ଭାରତର ପ୍ରବାସୀଙ୍କ ଘର କୁହାଯାଉଥିବା ସୁରତ ପ୍ରବାସୀଙ୍କୁ ଆତ୍ମନିର୍ଭର କରିବାରେ ବଡ଼ ଭୂମିକା ଗ୍ରହଣ କରିଛି ।

# ବେଆଇନ୍ ମାଟି ଓ ବାଲି ବୋଝେଇ ଟ୍ରାକ୍ଟର ଜବତ୍

ଜଳେଶ୍ୱର, ୪/୧ (ନିପ୍ର) : ଜଳେଶ୍ୱର ଅଂଚଳରେ ଦିନକୁ ଦିନ ବେଆଇନ୍ ବାଲି ଓ ମାଟି ପରିବହନ ହେଉଥିବାର ଅଭିଯୋଗ ହୋଇ ଆସୁଛି । ପ୍ରଶାସନର ଚାପ ଫଳରେ ବେଆଇନ୍ ବାଲି ଉତ୍ତୋଳନ କିଛି ପରିମାଣରେ କମିଥିବା ବେଳେ ଏବେ ମାଫିଆଙ୍କ ଦୃଷ୍ଟି ଚାଷୀଙ୍କ ଉର୍ବର ମାଟି ଉପରେ । ଜଳେଶ୍ୱର ତହସିଦାର କ୍ଷୀରୋଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଆର୍‌ଆଇ ମାନସ ବେହେରା, ପ୍ରତାପ ଭଂଜ, ନାମ୍ପୋ ଆର୍‌ଆଇ ସଂଜୟ ପଣ୍ଡା, ସିବେନ୍‌ଲାଲ ମୁର୍ମୁ, ଶିବଶଂକର ଭଂଜଙ୍କ ସହିତ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ମିଳିତ ଚଢାଉରେ ୫ଟି ମାଟିବୋଝେଇ ଟ୍ରାକ୍ଟର ଓ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ୍ କରାଯାଇ ତହସିଲ ପରିସରରେ ରଖା ଯାଇଛି । ଡବ୍ଲୁବି୩୫୦୫୩୬, ଓର୍ଡି ୦୧ଏମ୍ ୦୦୩୫, ଓଡି୦୧ଏସ୍୯୮୫୫ ଥିବା ବେଳେ ଅନ୍ୟ ଟ୍ରାକ୍ଟର ଗୁଡିକ ନମ୍ବର ବିହିନ ଥିବା ଜଣାଯାଇଛି ।

# ୩୭୧ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୦୪।୦୧ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୩୭୧ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୧,୯୧୭୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୩ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି ।

# ନୀଳଗିରି ବିଧାୟକଙ୍କ ଦ୍ୱାରା ଅଯୋଧ୍ୟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସକୁ ଶୁଭାରମ୍ଭ



ନୀଳଗିରି,୦୪।୦୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଅଧିନସ୍ଥ ଅଯୋଧ୍ୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅଯୋଧ୍ୟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ୧୦୮ ଆମ୍ବୁଲାନ୍ସକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ଆଖପାଖ ଅଂଚଳର ସାଧାରଣ ଜନତା ଉପକୃତ ହୋଇପାରିବେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ଅଧିବାସୀ ଫାଣ୍ଡି ଅଧିବାସୀ ବହୁ ଅଂଚଳବାସୀ ଉପସ୍ଥିତ ଥିଲେ ।

# ଗେଟମ୍ୟାନ୍‌ର ଅସାବଧାନତା ପାଇଁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଜଳେଶ୍ୱର, ୪/୧ (ନିପ୍ର) : ଜଳେଶ୍ୱର-ବାଟଗ୍ରାମ ରାସ୍ତାର ନୂଆବଜାର ରେଳ ଫାଟକ ନିକଟରେ ଆଜି ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍ ଅପ୍‌ଲାଇନ୍‌ରେ ଆସିଯିବା ଫଳରେ ସେହି ରାସ୍ତା ଉପରେ ଦେଇ ବିଭିନ୍ନ ଯାନରେ ଯାଉଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ଗେଟ୍ ମ୍ୟାନ୍ ସେଠାରେ ଉପସ୍ଥିତ ନ ଥିବା ବେଳେ ଫାଟକଟିକୁ ବନ୍ଦ କରି ପାରି ନ ଥିଲେ । ଯାତ୍ରୀମାନେ ଅନାୟସରେ ଯିବା ଆସିବା କରୁଥିବା ବେଳେ ଟ୍ରେନ୍‌ଟି ଦ୍ରୁତ ଗତିରେ ଆସି ଅଳ୍ପଦୂରରେ ଅଟକି ରହିଥିଲା । ସେହି ରାସ୍ତାରେ ଯାଉଥିବା ଯାତ୍ରୀମାନେ ଚିତ୍କାର କରିବାରୁ ଗେଟ୍‌ମ୍ୟାନ୍ ତୁରନ୍ତ ଗେଟ୍ ପକାଇବାପରେ ଟ୍ରେନ୍ ଗନ୍ତବ୍ୟପଥରେ ଯାଇଥିଲା । ସୂଚନା ଯୋଗ୍ୟ ଏହି ସ୍ଥାନରେ ଏକ ଅଭରବ୍ରିଜ୍ କାର୍ଯ୍ୟ ନିର୍ମାଣାଧିନ ରହିଥିବା ବହୁ ସମୟରେ ଟ୍ରାଫିକ୍ ଜାମ୍ ରହୁଥିବାରୁ ଲୋକମାନେ ଦୁର୍ଘଟଣାରୁ ସମ୍ମୁଖୀନ ହେଉଛନ୍ତି । ତେଣୁ ସେଠାରେ ଟ୍ରାଫିକ୍ ପୋଲିସ୍ ମୁତୟନ ହେବାକୁ ସାଧାରଣରେ ଦାବୀ ହେଉଛି ।

## ଅବକାରୀ ପେଟ୍ରୋଲିଂ ବେଳେ ୯୦ଲିଟର ଦେଶୀ ମଦ ଜବତ୍

ଜଳେଶ୍ୱର, ୪/୧ (ନିପ୍ର) : ଆଜି ସୋମବାର ଅବକାରୀ ବିଭାଗ ପକ୍ଷରୁ ଅଗ୍ରୱାଲା ଛକ ନିକଟରେ ପେଟ୍ରୋଲିଂ କରୁଥିବା ବେଳେ ଝାଡପିମ୍ପଳ ଅଂଚଳର ଭରତ ଚନ୍ଦ୍ର ରାଉଳ ଏକ ବାଇକ୍ ଓଡି୦୧ଏସି୪୫୫୦ ଯୋଗେ ୬୦ଲି. ଦେଶୀ ମଦ ପଶ୍ଚିମବଂଗ ସୁନାକଣିଆ ଅଂଚଳରୁ ନେଇ ଆସୁଥିବା ବେଳେ ଧରାପଡିଥିଲା । ସେହିଭଳି ଅବକାରୀ ବିଭାଗ ଦେଉଳିଫଂଚୁଘଣ୍ଟା ମଂଗଳାତଳା ନିକଟରୁ ହେମନ୍ତ ସିଂଙ୍କ ଘରେ ଚଢାଉ କରି ୩୦ଲି ଦେଶୀ ମଦ ଜବତ୍ କରିଛନ୍ତି । ଏହି ଚଢାଉରେ ଅବକାରୀ ଓଆଇସି ଦେବେନ୍ଦ୍ର କୁମାର ବେହେରା, କନେଷ୍ଟବଳ ଶଶୀଭୂଷଣ ସ୍ୱାଇଁ, ରାଜୀବ କୁମାର ଭଂଜ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ । କେସ୍ ନଂ ୬୦/୨୦୨୧ ଓ ୬୧/୨୦୨୧ ମୂଳେ ମାମଲା ରୁଜୁ ହେବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଦେବାଶିଷ ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା

ବାଲେଶ୍ୱର,୦୪।୦୧ (ନି.ପ୍ର): ଦିବଂଗତ ଦେବାଶିଷ ସେଠୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ମୃତିସଭା ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ସେଠୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ସେଠୀଙ୍କ ପତ୍ନୀ ମିନତୀ ସେଠୀଙ୍କ ପୌରୌହିତ୍ୟ କରିଥିଲେ। ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ଆଇନଜୀବୀ ଗୋପାଲ ଆଢ୍ୟ, ସ୍ମୃତି କମିଟି କର୍ମକର୍ତ୍ତା ସୁଶାନ୍ତ କୁମାର ରଣା, ଇନ୍ଦ୍ରଜିତ୍ ପ୍ରଧାନଦ, ପୂର୍ବତନ କାଉନସିଲର କୈଳାସ ସେଠୀ, ମୀନା ମହାନ୍ତି ଓ ଆନିଦ୍ୟ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ଜୀବନାଦର୍ଶ ଓ ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ସାମାଜିକ କର୍ମୀ ଭାବେ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନରେ ସ୍ୱର୍ଗତ ସେଠୀଙ୍କ ଅବଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ବକ୍ତାମାନେ କହିଥିଲେ। ତାଙ୍କର ଅବର୍ତ୍ତମାନ ସମାଜସେବା କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସେଠୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସମସ୍ତେ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମାତାକୁ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ମୃତିକମିଟି ପକ୍ଷରୁ ଗରିବ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଥିଲା।

# ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ

ବାସୁଦେବପୁର,୦୪।୦୧ (ନି.ପ୍ର): ୨୦୨୧ ଓଡିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବରଣ୍ଡୁଆ ଗ୍ରାମ ପଞ୍ଚାୟତର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବେତଡା ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ, ସ୍ମୃତି ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ଦୁଃଶାସନ ରାଉତ, ସାମ୍ବାଦିକ ଓ ସମାଜସେବୀ ପରମାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ମହାନ୍ତିଙ୍କର ଦେଶପ୍ରେମ, ଜୀବନବୋଧ ଓ ତ୍ୟାଗ କର୍ତ୍ତବ୍ୟପରାୟଣତା ସଂପର୍କରେ ଆଲୋଚନା କରିଥିଲେ। ସହିଦ୍ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା ବୈଲୋଚନ ଜେନା ଏହି ଅବସରରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସମାଜସେବୀ ସାମ୍ବାଦିକ ପରମାନନ୍ଦ ଦାସ ଓ ୨୦୨୦ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବାସୁଦେବପୁର ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିପ୍ଲବଜିତ୍ ମିଶ୍ରଙ୍କୁ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନ ଶିକ୍ଷକ ତଥା ସ୍ମୃତି ସଂସଦର ସଂପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ। ଶିକ୍ଷାବିତ୍ ଦୁଃଶାସନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍ମୃତି ସଂସଦର ବରିଷ୍ଠ ସଭ୍ୟ କବି ବନମାଳି ବାରିକ ସମ୍ବର୍ଦ୍ଧନାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦୈତାରୀ ବେହେରା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲା ବେଳେ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ମାନପତ୍ର ପାଠ କରିଥିଲେ। ବରଣ୍ଡୁଆ ଗ୍ରାମରେ ଥିବା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତ୍ୟାଗଦୀପ୍ତ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ୧୯୧୦ ମସିହାରେ ବରଣ୍ଡୁଆ ଗ୍ରାମରେ ଜନ୍ମ ଲାଭ କରିଥିଲେ ଏବଂ ୧୯୯୮ ମସିହାରେ ତାଙ୍କର ଜୀବନଦୀପ ଲିଭି ଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବରେ ସହଯୋଗ କରିଥିଲେ। ଏହି ଉତ୍ସବରେ ସଂଗ୍ରାମୀଙ୍କ ପୁତ୍ର ସମାଜସେବୀ ମାନସ ରଂଜନ ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ଭରତଚନ୍ଦ୍ର ଦାଶ, ବାଇଚଢେଇର ସଂପାଦକ କବି ବିକାଶ ଶତପଥୀ, ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ ମହାନ୍ତି, ଶିକ୍ଷାବିତ୍ ଗୟାଧର ମହାପାତ୍ର, ଦିବାକର ନାୟକ, ଲୁଙ୍ଗା ପଞ୍ଚାୟତ ବିକାଶ ପରିଷଦର ସଭାପତି ଦେବଦର୍ଶନ ଦାଶ, ପ୍ରଫୁଲ୍ଲ ପାଢୀ, କୈଳାସ ଚନ୍ଦ୍ର ପଣ୍ଡା, ଶିକ୍ଷକ ଜିତେନ୍ଦ୍ର ନାୟକ, ଚିତ୍ରଶିଳ୍ପୀ ଭଗବାନ ପଣ୍ଡା, ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବ୍ରହ୍ମପୁର ରାମଲିଙ୍ଗେଶ୍ୱର ....

ଏକ ସଂଗୀତମୟ ପରିବେଶ ମଧ୍ୟରେ ବ୍ରହ୍ମପୁରର କେନ୍ଦ୍ର ସ୍ଥଳୀରେ ଅବସ୍ଥିତ ରାମଲିଙ୍ଗେଶ୍ୱର ଜଳାଶୟ ଓ ଉଦ୍ୟାନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ସୋମବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବ୍ରହ୍ମପୁରର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ରାମଲିଙ୍ଗେଶ୍ୱର ଜଳାଶୟର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହି ପବିତ୍ର ଜଳାଶୟର ଜଳକୁ ପରିଷ୍କାର ରଖିବା ଏବଂ ଏହାର ସୌନ୍ଦର୍ଯ୍ୟମୟ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରର ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାମଲିଙ୍ଗେଶ୍ୱର ଜଳାଶୟ ଓ ପାର୍କ ଆଜି ଗଂଜାମର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। କୋଭିଡ ସମୟରେ ଗଂଜାମର ଜନସାଧାରଣଙ୍କର ଦୃଢ ମନୋବଳର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗଂଜାମର ଜନତାଙ୍କ ସଂଯମତା ଓ ଆତ୍ମଶକ୍ତି ଯୋଗୁ ଆଜି ଜିଲ୍ଲାରେ ସଫଳ ଭାବରେ କୋଭିଡକୁ ନିୟନ୍ତ୍ରଣ କରାଯାଇପାରିଛି ଏବଂ ଗଂଜାମ ଆଜି ସାରା ଦେଶ ପାଇଁ ରୋଲ ମଡେଲ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବ୍ରହ୍ମପୁରକୁ ଏକ ଆଦର୍ଶ ସହର ଭାବରେ ଗଢିତୋଳିବା ପାଇଁ ରାଜ୍ୟ ସରକାର ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ବ୍ରହ୍ମପୁରରେ ଅତ୍ୟାଧୁନିକ ସୁବିଧା ଥିବା ଏକ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ସନ୍ତୋଷଜନକ ଭାବରେ ଆଗେଇ ଚାଲିଥିବା ବେଳେ ସହର ପାଇଁ ୪୨ କୋଟି ଟଙ୍କା ବ୍ୟାୟରେ ଏକ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ସେହିପରି ସହରର ଟ୍ରାଫିକ ନିୟନ୍ତ୍ରଣ ପାଇଁ ରିଂଗ ରୋଡ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ବ୍ରହ୍ମପୁର ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର ଗୁରୁତ୍ୱ ରଖିଛି । ବ୍ରହ୍ମପୁର ତଥା ଗଂଜାମର ବିକାଶ ଉପରେ ମୁଁ ସବୁବେଳେ ତୀକ୍ଷ୍ଣ ନଜର ରଖିଛି ବୋଲି ମତଦେଇ ବ୍ରହ୍ମପୁରକୁ ଏକ ସୁନ୍ଦର ତଥା ଆଧୁନିକ ସହର ଭାବରେ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଂଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ, ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ, ବିଧାୟକ ଶ୍ରୀ ବିକ୍ରମ ପଣ୍ଡା, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ସଭାପତି ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଗଞ୍ଜାମର ପୂର୍ବତନ ଜିଲ୍ଲାପାଳ ଶ୍ରୀ ପ୍ରେମଚାନ୍ଦ ଚୌଧୁରୀ ଏବଂ ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରବର୍ତୀ ରାଠୋରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ଆନ୍ତରିକ କୃତଜ୍ଞତା ଜଣାଇଥିଲେ।

## ୨ ଦିନ ପର୍ଯ୍ୟନ୍ତ ....

ମଙ୍ଗଳବାର ପ୍ରତ୍ୟୁଷ ପର୍ଯ୍ୟନ୍ତ କଟକ, ଜଗତସିଂହପୁର, ଭଦ୍ରକ, ଖୋର୍ଦ୍ଧା, ବୌଦ୍ଧ, କେନ୍ଦ୍ରାପଡା, ଯାଜପୁର, ପୁରୀ, ନୟାଗଡ଼, କନ୍ଧମାଳ, କୋରାପୁଟ, ମାଲକାନଗିରି ଜିଲ୍ଲାରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ କଟକ, ଜଗତସିଂହପୁର, ଭଦ୍ରକ, ଖୋର୍ଦ୍ଧା, ଜିଲ୍ଲା ଉପରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଥିବା କାରଣରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ମଧ୍ୟରାତ୍ରରୁ ବୁଧବାର ପ୍ରତ୍ୟୁଷ ମଧ୍ୟରେ କଟକ, ଜଗତସିଂହପୁର, ଭଦ୍ରକ, ଖୋର୍ଦ୍ଧା, ବୌଦ୍ଧ ଓ କନ୍ଧମାଳ ଜିଲ୍ଲା ଉପରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଥିବା କାରଣରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଖବର କାଗଜ ଉପରେ ...

ଯେଉଁକାରଣରୁ ଏବେ ଶିଳ୍ପ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭର କରୁଥିବା ଲୋକଙ୍କ ବେଉସା ପ୍ରତି ସଙ୍କଟ ଦେଖା ଦେଇଛି। ଯେବେଠାରୁ କରୋନା ମହାମାରୀ ପ୍ରବେଶ କରିଛି, ସେବେଠାରୁ ସାରା ରାଜ୍ୟରେ ସ୍ଥିତି ବଦଳି ଯାଇଛି। ରାତି ପାହିବା ମାତ୍ରେ ଘରକୁ ଦୈନିକ ଖବରକାଗଜ ଫିଙ୍ଗି ବିକ୍ରିର ହିସାବ ରଖୁଥିବା ଏବଂ ସେଇଥିରୁ ପେଟ ପୋଷୁଥିବା ବିତରକଙ୍କ ମତରେ ଗଲା ୯ ମାସ ଭିତରେ ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଇଛି ପେପର ମାନିଆ ଛୋଟ ହେଉ କି ବଡ଼, ସବୁ ବ୍ରାଣ୍ଡ ପ୍ରତି ମୁହଁ ଫେରାଇଛନ୍ତି ପାଠକ। ଏପରିକି ରାଜ୍ୟରେ ପ୍ରସାରିତ ସମ୍ବାଦପତ୍ର ସମ୍ବାଦର ପ୍ରସାରଣକୁ ବି ମହାମାରୀ ସାଂଘାତିକ ଘାଟା ପହଞ୍ଚାଇଥିବା ବିତରକମାନେ କହିଛନ୍ତି।

## କେନ୍ଦ୍ର ଖଣି ଓ କୋଇଲା ମନ୍ତ୍ରୀଙ୍କ ....

ବକ୍ସାଇଟ୍ ଉତ୍ପାଦନ କ୍ଷମତା ବାର୍ଷିକ ୭.୩ ମିଲିୟନ ଟନରୁ ବାର୍ଷିକ କ୍ଷମତା ୧୦.୫ ମିଲିୟନ ଟନକୁ ବୃଦ୍ଧି ପାଇବ। ଏହା ମଧ୍ୟରୁ ଆଲୁମିନାର ବାର୍ଷିକ କ୍ଷମତା ୩.୧ ମିଲିୟନ ଟନ ଧାରଣ କରିଥିବା ବେଳେ ଏହି ଆଲୁମିନାରୁ ବାର୍ଷିକ ୧.୫ ମିଲିୟନ ଟନ୍ ଆଲୁମିନିୟମ ଉତ୍ପାଦନ ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ ଆଲୁମିନିୟମ ତରଳିବା ଏକ ଅତ୍ୟଧିକ ଶକ୍ତି ନିବାରଣ ପ୍ରକ୍ରିୟା ଏବଂ ଏହି ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପର ସମ୍ଭାବ୍ୟ ୧୪୦୦ ମେଗାୱାଟ ଫିଡର ସିପିପିରେ ନିରନ୍ତର କୋଇଲା ଯୋଗାଣ ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ଅନୁଗୁଳରେ ଆଲୁମିନାର ପ୍ରଚୁର ଉପଲବ୍ଧିକୁ ଦୃଷ୍ଟିରେ ରଖି ଅନୁଗୁଳ ଜିଲ୍ଲା ସ୍ଥିତ ନାଲକୋର ଆଲୁମିନିୟମ୍ ସ୍ମେଲଟର ପ୍ଲାଂଟର ଉତ୍ପାଦନ କ୍ଷମତା ବାର୍ଷିକ ୦.୪୬ ମିଲିୟନ ଟନରୁ ବାର୍ଷିକ ଉତ୍ପାଦନ କ୍ଷମତା ୧ ମିଲିୟନ ଟନ୍ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲାର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଫିଡର କ୍ୟାପଟିଭ୍ ପାୱାର ପ୍ଲାଂଟ ଆରମ୍ଭ କରିବାକୁ ପତ୍ରରେ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ ।ଏହାଦ୍ୱାରା ସ୍ମେଲଟର ୟୁନିଟ୍ ଏବଂ କୋଇଲା ବ୍ଲକ ଲଜିଷ୍ଟିକ୍ ଦକ୍ଷତା ଦ୍ୱାରା ଉପକୃତ ହେବ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ।

## ସରକାରଙ୍କୁ ୪୮ ଘଣ୍ଟାର....

ପିଏମ୍ ଆବାସ ଯୋଜନା ଦୁର୍ନୀତିକୁ ନେଇ ମାହାଙ୍ଗାରେ ଏହି ହତ୍ୟାକାଣ୍ଡ ଘଟିଛି। ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅବଗତ କରିବି ବୋଲି ଅପରାଜିତା କହିଛନ୍ତି। ଅନ୍ୟପକ୍ଷରେ ଆଜି ଅଭିଯୁକ୍ତଙ୍କ ଗିରଫ ଦାବିରେ ମାହାଙ୍ଗା, ଆଳି, କେନ୍ଦ୍ରାପଡ଼ା, ଟାଙ୍ଗି ଓ ରଘୁନାଥପୁରରେ ବିଜେପି ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଛି। ଏପରିକି ଆଇନ୍‌ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସେପଟେ ଡବଲ ମର୍ଡର ଏତଲାରେ ନାଁ ଆସିବା ପରେ ବିବାଦକୁ ଆସିଛନ୍ତି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା। ପ୍ରତିକ୍ରିୟା ରଖି ସେ କହିଛନ୍ତି, ମୋ’ ନାଁରେ ଏତଲା ହୋଇଛି, ତଦନ୍ତରୁ ସତ ଜଣାପଡ଼ିବ। ଘଟଣାକୁ ବିଜେପି ରାଜନୈତିକ ରୂପ ଦେବାକୁ ଚାହୁଁଛି ବୋଲି ପ୍ରତାପ କହିଛନ୍ତି।

# ଗାନ୍ଧି ପରିବାରର ଜ୍ୱାଇଁଙ୍କ ଘରେ ଆୟକର ବିଭାଗ




ନୂଆଦିଲ୍ଲୀ,୦୪।୦୧ (ନି.ପ୍ର): ଗାନ୍ଧି ପରିବାରର ଜ୍ୱାଇଁ ତଥା କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ଘରେ ପହଞ୍ଚିଛି ଆୟକର ବିଭାଗ । ଶ୍ରୀ ଭଦ୍ରାଙ୍କ ଘରେ ପହଞ୍ଚିବା ପରେ ତାଙ୍କୁ ଉକ୍ତ ଟିମ୍ ବେଆଇନ ସମ୍ପତ୍ତି ଠୁଳ ମାମଲାରେ ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେଆଇନ ଭାବେ ସମ୍ପତ୍ତି ଠୁଳ ମାମଲାରେ ଆୟକର ବିଭାଗ ଶ୍ରୀ ଭଦ୍ରାଙ୍କୁ ହାଜର ହେବାକୁ ନୋଟିସ କରିଥିଲା । କିନ୍ତୁ ସେ ଏହାକୁ ଅମାନ୍ୟ କରି ଆୟକର ବିଭାଗ ଅଫିସରେ ହାଜର ହୋଇ ନଥିଲେ। ଏଥିପାଇଁ ଆଜି ଦିଲ୍ଲୀର ସୁଖଦେବ ବିହାର ସ୍ଥିତ ଭଦ୍ରାଙ୍କ ଘରେ ଆୟକର ବିଭାଗ ଅତିର୍କିତ ଭାବେ ପହଞ୍ଚି ଯାଇଛି। ଏଥିସହ ପୂରା ମାମଲାରେ ତାଙ୍କୁ ଜେରା କରି ବୟାନ ରେକର୍ଡ କରୁଛି। ବ୍ରିଟେନରେ ଶ୍ରୀ ଭଦ୍ରା ବନ୍ଧୁକ ବେପାରୀ ସଞ୍ଜୟ ଭଣ୍ଡାରୀଙ୍କ ଠାରୁ ବେଆଇନ ଭାବେ ସମ୍ପତ୍ତି କିଣିଥିବା ଅଭିଯୋଗ ହୋଇଛି। ୨୦୦୯ରେ ଗୋଟିଏ ପେଟ୍ରୋଲିମୟ ଡିଲ୍ ପାଇଁ କିକବ୍ୟାକ ବାବଦରେ ପାଇଥିବା ଅର୍ଥକୁ ସେ ଏହି ସମ୍ପତ୍ତି କିଣିବା ବାବଦରେ ଖର୍ଚ୍ଚ କରିଥିବା ମଧ ଅଭିଯୋଗ ହୋଇଛି। ୨୦୧୮ରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କ ନାଁରେ ମନି ଲଣ୍ଡରିଂ ମାମଲା ରୁଜୁ କରି ତଦନ୍ତ କରୁଛି। ଏପରି କି ଶ୍ରୀ ଭଦ୍ରା ଇଡି ଅଫିସରେ ମଧ ହାଜର ହୋଇଥିଲେ।

# ଘର ଭିତରକୁ ପଶିଗଲା ଡମ୍ପର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

ବାରିପଦା,୦୪।୦୧ (ନି.ପ୍ର): ଘରେ ପଶିଗଲା ୧୬ ଚକିଆ ଡମ୍ପର, ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକେ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାଂଚି-ବିଜୟୱାଡା ଜାତୀୟ ରାଜପଥ ୨୨୦ର ବହଳଦା ଥାନା ଗମ୍ଭାରୀଆ ଗ୍ରାମରେ। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଖବର ଅନୁଯାୟୀ, ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଏକ ୧୬ ଚକିଆ ଟ୍ରକ ଦ୍ରୁତଗତିରେ ଆସିଥିବା ବେଳେ ଭାରସାମ୍ୟ ହରାଇ ପୂର୍ଣ୍ଣିମା ମିଟଙ୍କ ଘରକୁ ଧକ୍କା ଦେଇଥିଲା। ଯାହାଫଳରେ ଘର ଭିତରକୁ ପଶିଯାଇଥିଲା ଟ୍ରକ। ଦୁର୍ଘଟଣାରେ ଘରଟିର କାନ୍ଥ ଓ ଛାତ ଭାଙ୍ଗି ନଷ୍ଟ ହୋଇ ଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ପୂର୍ଣ୍ଣିମା ମିଟ ସୌଭାଗ୍ୟ ବଶତ ଦୁର୍ଘଟଣା ସମୟରେ ଘରେ ନଥିବାରୁ ତାଙ୍କ ଜୀବନ ବଂଚି ଯାଇଥିବାର କହିଛନ୍ତି, କାରଣ ଦୁର୍ଘଟଣା ଘଟିଥିବା ରୁମରେ ସେ ପ୍ରତ୍ୟେକ ରାତିରେ ଶୋଇଥାନ୍ତି। ସେପଟେ ଦୁର୍ଘଟଣାରେ ତାଙ୍କ ପୁଅ ,ବୋହୁ ଓ ନାତି ଅନ୍ୟ ରୁମରେ ଥିବାରୁ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ତେବେ ଦୁର୍ଘଟଣାରେ ଘରଟି ଭାଙ୍ଗିଯାଇଥିବା ବେଳେ ଗୋଟେ ମୋଟର ସାଇକେଲ ମଧ୍ୟ ନଷ୍ଟ ହୋଇଯାଇଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ବହଳଦା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଂଳରେ ଚାପା ଉତ୍ତେଜନା ସୃଷ୍ଟି ହେବା ସହିତ କ୍ଷତିପୂରଣ ପ୍ରଦାନ ପାଇଁ ପରିବାର ଲୋକେ ଦାବି କରିଛନ୍ତି ସ୍ଥାନୀୟ ଲୋକେ।

ଧ୍ୱନି ପ୍ରତିଧ୍ୱନି



# ଜଳେଶ୍ୱରରେ ମଦମାଫିଆ ଓ ଅବକାରୀର ମଧୁଚନ୍ଦ୍ରିକା ଅଭିଯୋଗ

ଜଳେଶ୍ୱର,୦୪।୦୧ (ନି.ପ୍ର): ଉତ୍ତର ବାଲେଶ୍ୱରର ଜଳେଶ୍ୱର ନିଶାକାରବାରରେ ହବ୍ ସେଣ୍ଟର ପାଲଟଥିବା ଜଣାଯାଇଛି । କେତେବେଳେ ଡ୍ରଗ୍ସ ଚାଲାଣ ହେଉଛି ତ କେତେବେଳେ ଦେଶୀ, ବିଦେଶୀ ମଦ ସହିତ ଗଂଜେଇ ଚାଲାଣ ହେଉଛି । ଅଳ୍ପ ବୟସ୍କ ପିଲାମାନେ ଏହାକୁ ସେବନ କରି ବିଭିନ୍ନ ଅସାଧୁ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଜଳେଶ୍ୱର ଅଂଚଳରେ ବହୁ ପରିବାର ଉଜୁଡି ଯିବା ସହିତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଜୀବନ ଅକାଳରେ ଝଡିପଡିଛି । ଜଳେଶ୍ୱର ଅବକାରୀ ବିଭାଗର ସ୍ଥାଣୁତା ପାଇଁ ଏପରି ଘଟୁଥିବା ଅଭିଯୋଗ ହୋଇ ଆସୁଛି । କେବଳ ଛୋଟ ଛୋଟ ନିଶା ବ୍ୟବସାୟୀଙ୍କୁ ଧରିବାରେ ଅବକାରୀ ସଫଳ ହୋଇଥିଲେ ମଧ୍ୟ ଏହି କାରବାରର ମୁଖ୍ୟ ମାଷ୍ଟରମାଇଣ୍ଡକୁ ଧରାଯାଉନାହିଁ ବୋଲି ନାମ୍ପୋ ଅଂଚଳର ସମାଜସେବୀ ଗୋପାକୃଷ୍ଣ ଜେନାଙ୍କ ସହିତ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀ, ଅବକାରୀ କମିଶନର, ଅବକାରୀ ଏସ୍‌ପି, ଆଇଆଇସି ଜଳେଶ୍ୱର ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅବକାରୀ ବିଭାଗ ନାମକୁ ମାତ୍ର ଚଢାଉ କରି ମଦମାଫିଆଙ୍କ ନିର୍ଦ୍ଦେଶରେ କାର୍ଯ୍ୟକରୁଛନ୍ତି । ଚଢାଉ ସ୍ଥାନରୁ ଅଧିକ ମଦ ଜବତ୍ କରି ସିଜରଲିଷ୍ଟରେ କମ୍ ଦର୍ଶାଇ ଅଭିଯୁକ୍ତଙ୍କୁ ବେଲ କରାଇବାରେ ସାହାଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏପରିକି ମଦବ୍ୟବସାୟୀମାନେ ବାରମ୍ବାର ଧରାପଡି ବେଲ ପାଇ ନିର୍ବିଘ୍ନରେ ବ୍ୟବସାୟ ଚଳାଇ ଆସୁଛନ୍ତି । ମଦବ୍ୟବସାୟୀଙ୍କ ବିରୁଦ୍ଧରେ ଉପର ମହଲରେ ଅଭିଯୋଗ କଲେ ମାଫିଆଙ୍କୁ ସେମାନଙ୍କର ନାମ ତାଲିକା ପ୍ରଘଟ ହେଉଥିବାରୁ ଅଭିଯୋଗକାରୀ ଗ୍ରାମବାସୀ, ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାଙ୍କୁ ମଦମାଫିଆମାନେ ଧମକ୍ ଚମକ୍ ଦେବା ସହିତ ଅଶ୍ଳୀଳ ବ୍ୟବହାର କରିବାକୁ ପଛାଉ ନାହାନ୍ତି । ଜଳେଶ୍ୱରର ଜନୈକ ମଦମାଫିଆଙ୍କ ନିର୍ଦ୍ଦେଶରେ ଏପରି କାର୍ଯ୍ୟ ଚାଲୁଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି ।

## ରମେଶ ଚନ୍ଦ୍ରଙ୍କ ସ୍ମୃତିସଭା

ଖଇରା,୦୪।୦୧ (ନି.ପ୍ର): ଖଇରା ଅଞ୍ଚଳରେ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରାଣପ୍ରତିଷ୍ଠାତା ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠାନ ପ୍ରାଙ୍ଗଣରେ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସେଥିରେ ଖଇରା ଅଞ୍ଚଳର ଅଭିଭାବକ, ଜନସାଧାରଣ, କୁପାରୀ ମା ଅମ୍ବିକା ବିଶ୍ୱ କଲ୍ୟାଣ,ସାହିତ୍ୟ ପରିଷଧ କର୍ମକର୍ତ୍ତା,ଖଇରାର ପ୍ରତିଭା ପରିବାର,ଖଇରା ସାହିତ୍ୟ ସଂସଦ ,ଖଇରା କଳାନିକେତନ ତରଫରୁ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ରମେଶ ଚନ୍ଦ୍ର ସାହୁ ଜଣେ ଶିକ୍ଷକ ହିସାବରେ ସୁଦକ୍ଷ ବିଜ୍ଞାଣି ଥିଲେ । ତାଙ୍କର ଜିବନ୍ତ ଶିକ୍ଷାଦାନ ପ୍ରଣାଳୀ,ଛାତ୍ର ବସ୍ଚଳତା ଅନୁଷ୍ଠାନ ପ୍ରେମ କଳାପ୍ରାଣ ,ସଂସ୍କୃତି ଓ ସାହିତ୍ୟର ପୃଷ୍ଟ ପୋଷକ ସବୁକ୍ଷେତ୍ରରେ ଉତ୍କର୍ଷତା ନିର୍ମାଣ କରିବା ଜୀବନର ଆଦର୍ଶ ଥିଲା । ସାହାସ ଓ ଅସିମ ପ୍ରେରଣାରେ ଉଦ୍‌ବୋଧନ ଥିଲେ । ଏପରି ପ୍ରଚଣ୍ଡ ପ୍ରତିଭାମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଫେସର ଉମେଶ ଚନ୍ଦ୍ର ନାୟକ,ଅନୁଷ୍ଠାନର ଅଧକ୍ଷ ଉମ୍ମୁଧର ବାରିକ,ଶରତ ଚନ୍ଦ୍ର ବିଶ୍ୱାଳ ,ଡଃ ଉମେଶ ଚନ୍ଦ୍ର ମହାନ୍ତି ,ଡଃ ହରେକୃଷ୍ଣ ରାଉତ,କଳାନିକେତନର ସମ୍ପାଦକ ଦେବେନ୍ଦ୍ର କୁମାର ରାଉତ, ଶତୃଘ୍ନ ଦାସ,ଜ୍ୟୋସ୍ନା ଦାସ, ସଞ୍ଜୟ ଭଟ୍ଟରାୟ,ସୁରୁମା ପାଣି, ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ,ମୁଖ୍ୟ ଅତିଥି ହରିହର ପାଣିଗ୍ରାହି(କେନ୍ଦୁଝର),ବିରେନ୍ଦ୍ର କୁମାର ସ୍ୱାଇଁ, ଦୟାନିଧି ସାହୁ, ବୁଦ୍ଧିରାମ ପାଣିଗ୍ରାହି, ରାଧାଶ୍ୟାମ ପଣ୍ଡା, ତାଙ୍କର ସୁପୁତ୍ର ସରଗମ ସତ୍ୟବ୍ରତ ସାହୁ,ଧର୍ମ ପତ୍ନୀ ସରସ୍ୱତୀ ସାହୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ତାଙ୍କର ପୁତୁରା ବିରଞ୍ଚି ନାରାୟଣ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ । ଶୋକ ସଭାରେ ବିଭିନ୍ନ ଅନୁଷ୍ଠାନ ବିଶେଷତ୍ୱ ପ୍ରତିଭା ପରିବାରର,ସାହିତ୍ୟ ସଂସଦ,ସ୍ୱଅନୁଷ୍ଠାନର କର୍ମଚାରୀମାନେ ଶୋକ ସନ୍ତପ୍ତ ପରିବାର ପାଇଁ ୨୩ହଜାର ଟଙ୍କା ଦାନ କରିଥିଲେ ।

## ଯୁବ ଆଇନ୍‌ଜୀବିଙ୍କ ମୃତ୍ୟୁରେ ଜଳେଶ୍ୱର ବାର୍‌ରେ ଶୋକସଭା

ଜଳେଶ୍ୱର,୦୪।୦୧ (ନି.ପ୍ର): ଭୋଗରାଇର ବ୍ଲକର ଦେଉଳା ଗ୍ରାମର ଯୁବ ଆଇନ୍‌ଜିବି ସୁବ୍ରତ କୁମାର ଦାସ (୩୦)ଙ୍କ ମୃତ୍ୟୁରେ ଜଳେଶ୍ୱର ବାର୍ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ବାର୍ ସଭାପତି ଅନୀଲ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ, ସତ୍ୟସୁନ୍ଦର ଦାସ, ନିତ୍ୟଗୋପାଳ ଦାସ, ଜିତାଂଶୁ ସେଖର ନନ୍ଦୀ, ଅବଧୂତ ଜେନା, କୁଞ୍ଜ ବିହାରୀ ଦାସ, ମଦନମୋହନ ରାଉଳ, ପ୍ରକାଶ ଚନ୍ଦ୍ର ଦେ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତୀ କାମନା କରିବା ସହିତ ନିରବ ପ୍ରାର୍ଥନା କରିଥିଲେ । ଶୁଦ୍ଧିକ୍ରିୟାରେ ୫ହଜାର ଟଙ୍କା ସହାୟତା କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ପୂର୍ତ୍ତବିଭାଗର ମାପଚୁପ : ନିଷ୍ପତ୍ତି ନ କରି ଫେରିଲା ପ୍ରଶାସନ

ଜଳେଶ୍ୱର,୦୪।୦୧ (ନି.ପ୍ର): ଜଳେଶ୍ୱରରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ରାଜ୍ୟ ରାଜପଥ ୫୭ର ଉଭୟ ପାର୍ଶ୍ୱରେ ଜବରଦଖଲ କୁ ନେଇ ପୂର୍ତ୍ତବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଏ ସଂପର୍କରେ ପୂର୍ତ୍ତବିଭାଗ ପକ୍ଷରୁ ଜଳେଶ୍ୱର ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବାପରେ ସୁଗୋ ପଂଚାୟତର ଖଡରାବିନ୍ଧା ଅଂଚଳର ଥିବା ରାସ୍ତା ପାଶ୍ୱ ନୟନଯୋରୀରେ ହୋଇଥିବା ଅବରୋଧକୁ ମାପଚୁପ କରାଯାଇଥିଲା । ଉକ୍ତ ସ୍ଥାନଟି ଜନୈକ ବ୍ୟକ୍ତିଙ୍କର ସତ୍ୱାଧିକାର ଥିବାର କୋର୍ଟରେ ବିଚାରାଧିନ ରହିଛି । ଉକ୍ତ ସ୍ଥାନଟି ସ୍ୱାଧିକାରୀ କିମ୍ବା



ପୂର୍ତ୍ତବିଭାଗର ବୋଲି ଚିହ୍ନଟ ହୋଇ ପାରୁନ ଥିବା ବେଳେ ପୂର୍ତ୍ତବିଭାଗ ଉକ୍ତ ସ୍ଥାନଟି ସରକାରଙ୍କର ବୋଲି ଦାବି କରିଆସୁଛି । ଆଜି ଜଳେଶ୍ୱର ତହସିଲ ପକ୍ଷରୁ ସୁପର ଭାଇଜର ସୁଭେନ୍ଦୁ ସାହୁ, ଅମୀନ ସାଗ କୁମାର ବାସ୍କେ, ସିବଲଲାଲ ମୁର୍ମୁ, ସୁଜନ କୁମାର ପରିଡା, ନାମ୍ପୋ ଆର୍‌ଆଇ ସଂଜୟ କୁମାର ପଣ୍ଡା ପ୍ରମୁଖ ମାପଚୁପ୍ କରିଥିବା ବେଳେ ପୁର୍ତ୍ତବିଭାଗ ଏସ୍‌ଡିଓ ଅଶୋକ କୁମାର ପଣ୍ଡା ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଏହି ସ୍ଥାନରେ ସରକାରଙ୍କ ପକ୍ଷରୁ ବାରମ୍ବାର ମାପଚୁପ ହୋଇ ଆସୁଥିଲେ ମଧ୍ୟ କୌଣସି ସିଦ୍ଧାନ୍ତ ନ ହେବାରୁ ସେଠାରେ ଚାପା ଉତ୍ତେଜନା ଲାଗି ରହିଛି । ତେଣୁ ସରକାର ତୁରନ୍ତ ଏହାର ସମାଧାନ କରି ସ୍ଥାନ ଚିହ୍ନଟ କରିବାକୁ ସାଧାରଣରେ ଦାବି ହେଉଛି ।

## ବିଲୋପ ପ୍ରାୟ ବିରଳ ପ୍ରଜାତିର ଶାଗୁଣା ଉଦ୍ଧାର

ବାରିପଦା,୦୪।୦୧ (ନି.ପ୍ର): ୦୧ମୋରଡା ବନବିଭାଗ ପକ୍ଷରୁ ଆଜି ଖୁଣ୍ଟାପାଳ ଗାଁରେ ଥିବା ଏକ କୁସୁମ ଗଛର ଏକ ଛୋଟ ଡାଳରେ ବିଲୁପ୍ତ ପ୍ରାୟ ପ୍ରଜାତିର ଏକ ଶାଗୁଣା ହଠାତ ଆସି ବସିବାରୁ ଡାଳଟି ଭାଙ୍ଗିଯିବା ସହିତ ଶାଗୁଣାଟି ତଳେ ପଡିଯାଇ ଅସୁସ୍ଥ ହୋଇ ପଡିଥିବାର ଦେଖାଯାଇଥିଲା । ତେବେ ଶାଗୁଣାଟିର ଓଜନ ସମ୍ଭାଳି ନପାରି ଛୋଟ ଡାଳଟି ଭାଙ୍ଗିଯିବାରୁ ତଳକୁ ଖସିପଡ଼ିଥିଲା ଶାଗୁଣାଟି । ସ୍ଥାନୀୟ ଲୋକମାନେ ଶାଗୁଣାଟି ଗଛଡାଳରୁ ଖସିପଡି ଆଉ ଉଡି ପାରୁନଥିବାର ଦେଖି ମୋରଡା ବନବିଭାଗ କାର୍ଯ୍ୟାଳୟକୁ ଖବର ଦେଇଥିଲେ । ଖବରପାଇ ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଂଚି ଶାଗୁଣାଟିକୁ ଉଦ୍ଧାର କରି ମୋରଡା ବନବିଭାଗ କାର୍ଯ୍ୟାଳୟକୁ ଆଣି ପ୍ରାଥମିକ



ଚିକିତ୍ସା କରାଯାଇଥିଲା । ପରେ ବନବିଭାଗ ପକ୍ଷରୁ ପ୍ରାଣି ଚିକିତ୍ସକ ପୀୟୁଷ ସରେନଙ୍କୁ ଖବର ଦେବାପରେ ଡାକ୍ତର ପହଂଚି ଶାଗୁଣାଟିର ଚିକିତ୍ସା କରିଥିଲେ । ତେବେ ଶାଗୁଣାଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି । ଶାଗୁଣାଟିର ଓଜନ ପ୍ରାୟ ୧୫ କେଜିରୁ ଅଧିକ ହୋଇଥିବସା ବେଳେ ଏହା ଏକ ବିରଳ ପ୍ରଜାତିର ଶାଗୁଣାବୋଲି କୁହାଯାଇଛି । ଆସନ୍ତା କାଲି ମୋରଡା ରେଞ୍ଜର ପ୍ରଶାନ୍ତ ବେହେରା ଶାଗୁଣାଟିକୁ ଶିମିଳିପାଳ ଜାତୀୟ ଉଦ୍ୟାନରେ ଛାଡିବେ ବୋଲି ବନବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

## ବୃଦ୍ଧାଙ୍କୁ ଉଦ୍ଧାର କଲେ ଯୁବ ସଂଗଠନ

ଜଳେଶ୍ୱର, ୪/୧ (ନିପ୍ର) : ଜଳେଶ୍ୱର ରେଳ ଷ୍ଟେସନ ନିକଟରେ ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ କରାଯାଇଛି । ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ଜଗନ୍ନାଥ ପରିଡାଙ୍କ ସହିତ ହରିଶଂକର ପଣ୍ଡା ଓ ଜୟଦେବ ସାମଲ ପ୍ରମୁଖ ଗତକାଲି ରାତିରେ ମୟୂରଭଂଜ ଜିଲାର ମୁରୁଡା ଅଂଚଳର ପାର୍ବତୀ ମୁର୍ମୁ(୬୫)ଙ୍କୁ ଜଳେଶ୍ୱର ଷ୍ଟେସନ ନିକଟରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସାର ବ୍ୟବସ୍ଥା କରାଇଥିଲେ । ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ସମଲେଶ୍ୱରୀ ବର୍ଦ୍ଧନଙ୍କର ଦେହାନ୍ତ

ବାଲେଶ୍ୱର,୦୪।୦୧ (ନି.ପ୍ର): କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଜଣେ ମହିୟସୀ ମହିଳା ସମଲେଶ୍ୱରୀ ବର୍ଦ୍ଧନଙ୍କର ଗତ ୩ ତାରିଖ ରାତି ୧୧ଟା ୨୦ ସମୟରେ ତାଙ୍କର ବାଲେଶ୍ୱର ସହରର ବାରବାଟୀ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କର ୮୭ ବର୍ଷ ବୟସ ହୋଇଥିଲା । ୧୯୫୬ରେ ଫକିରମୋହନ ମହାବିଦ୍ୟାଳୟରୁ ବିଏ ଓ ପରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ଇତିହାସ ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉପାଧି ଲାଭ କରିବା ଏହାପରେ କଟକର ରେଭେନ୍ସା କଲେଜ, ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ବାଲେଶ୍ୱରର କୁନ୍ତଳାକୁମାରୀ ମହାବିଦ୍ୟାଳୟରେ



ଅଧାପନା ଓ ପରେ ଅଧକ୍ଷ ଭାବରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । କମ୍ ବୟସରେ ତାଙ୍କର ମାତୃ ବିୟୋଗ ହୋଇଯିବା ଯୋଗୁଁ ସମସ୍ତ ଭଉଣୀମାନଙ୍କର ଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇ ସେ ନିଜେ ନିଜର ସଂସାର ଗଢ଼ି ନଥିଲେ ସେ । ସମସ୍ତ ଭାଇଭଉଣୀଙ୍କୁ ମଣଷ କରି ସେମାନଙ୍କୁ ସେ ବହୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ କରାଇ ପାରିଥିଲେ । ସେମାନଙ୍କ ମଧରେ ବରିଷ୍ଠ ଆଇଏଏସ୍ ଅଧିକାରୀ ସୁକୋମଳ ବର୍ଦ୍ଧନ, ଜାତିସଂଘର ୟୁଏନଡିପିର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ପରିମଲ୍ ବର୍ଦ୍ଧନ, କୋଲକାତାରେ ଡାକ୍ତର ଭାବେ କାର୍ଯ୍ୟକରି ପରଲୋକ ଗମନ କରିଥିବା ଧୂଳିକନା ବର୍ଦ୍ଧନ, ଆମେରିକାରେ ଅବସ୍ଥାପିତ ଡାକ୍ତର ତୃପ୍ତି ବର୍ଦ୍ଧନ, ଆମେରିକାରେ ଅଧାପନା ପରେ ପରଲୋକଗତା ସ୍ମୃତି ବର୍ଦ୍ଧନ, ଅବସରପ୍ରାପ୍ତା ଲାଇବ୍ରେରିଆନ୍ ଷଷ୍ଠୀ ବର୍ଦ୍ଧନ ପ୍ରମୁଖ ଭାଇଭଉଣୀଙ୍କୁ ସେ ବହୁ ଶ୍ରମସ୍ୱୀକାର କରି ମଣିଷ ପରି ମଣିଷ ଗଢ଼ି ଥିଲେ । ଜଣେ ପ୍ରଜ୍ଞାଶୀଳା ପରୋପକାରୀ ମହିୟସୀ ମହିଳା ଭାବରେ ସେ ଥିଲେ ବେଶ ପରିଚିତ । ବାଲେଶ୍ୱରର ବହୁ ସାରସ୍ୱତ, ସାଂସ୍କୃତିକ ଓ ଆଧାତ୍ମିକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ ଏବଂ ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ । ବିଶିଷ୍ଟ କବି ବ୍ରଜନାଥ ରଥ ଏବଂ ପୂର୍ବତନ ସ୍କୁଲ ଡିଆଇ ସୁଦର୍ଶନ ନାୟକ ପ୍ରମୁଖ ଥିଲେ ତାଙ୍କର ସହାଧାୟୀ ଏବଂ ବାଲେଶ୍ୱର ରାଜନୀତିର ଭୀଷ୍ମ ପିତାମହ ଅରୁଣ ଦେ ଥିଲେ ତାଙ୍କର ଅନ୍ୟତମ ଛାତ୍ର । ସ୍ୱର୍ଗତ ନିର୍ମଳ ଚନ୍ଦ୍ର ବର୍ଦ୍ଧନ ଓ ସୁପ୍ରଭା ବର୍ଦ୍ଧନଙ୍କର ପ୍ରଥମା କନ୍ୟା ସମଲେଶ୍ୱରୀ ୧୯୩୬ ମସିହା ଏପ୍ରିଲ ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଶେଷ ଦର୍ଶନ କରିବା ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ସାହିତ୍ୟିକ ଡକ୍ଟର ଭରତ ପାତ୍ର, ଡକ୍ଟର ଶାନ୍ତ୍ୱନା ହାଲଦାର, ଅଭୟ ଦାସ, ପୂର୍ବତନ କାଉନସିଲର ସୁଜିତ ଦେବ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ।

## 'ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ'ର ୧୯ତମ ବାର୍ଷିକ ଉତ୍ସବ

ବାଲେଶ୍ୱର,୦୪।୦୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଭିନ୍ନକ୍ଷମ ବିଦ୍ୟାଳୟ, ସହରର ରାଣୀପାଟଣାସ୍ଥିତ 'ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ'ର ୧୯ତମ ବାର୍ଷିକ ଉତ୍ସବ ଓ ମହାତ୍ମା ଲୁଇସ ବ୍ରେଲଙ୍କ ୨୧୨ତମ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ୍‌ସେନ୍ ଜଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଲଇସବ୍ରେଲଙ୍କ ସ୍ୱତନ୍ତ୍ର ଲିପି ଆବିଷ୍କାର ଦୃଷ୍ଟିହୀନଙ୍କୁ ଚକ୍ଷୁଦାନ କରିଛି ବୋଲି କହିଥିଲେ । ତେବେ ସମାଜର ବଦାନ୍ୟ ବ୍ୟକ୍ତିଙ୍କ ପାଇଁ ରାଣୀପାଟଣାର ଏହି ବିଦ୍ୟାଳୟ ଦୀର୍ଘ ୧୮ବର୍ଷ ଧରି ଚାଲିଥିବା



ବେଳେ ଏଠାରୁ ବହୁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ଡାକ୍ତର ଜଗଦେବ ପ୍ରକାଶ କରିଥିଲେ । ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମାଜ'ର ଉତ୍ତର ଓଡ଼ିଶା ସଂସ୍କରଣ ପରିଚାଳକ ମଧୁସୂଦନ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ଦୃଷ୍ଟିହୀନଙ୍କ ସମେତ ପ୍ରତ୍ୟେକ ଦିବ୍ୟାଙ୍ଗଙ୍କୁ ସବୁ ବର୍ଗରୁ ସହଯୋଗ ରହିଲେ ସେମାନେ କେବେ ନିଜକୁ ଅସହାୟ ଭାବିବେ ନାହିଁ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ସମାଜସେବୀ ସୁବ୍ରତ କର ଓ ଦୃଷ୍ଟିହୀନ ଶିକ୍ଷକ ଅଭିରାମ ସାବତ୍ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ସ ଏଥିରେ ଅଧ୍ୟକ୍ଷତା କରିବା ସହିତ ବିଦ୍ୟାଳୟ ପରିଚାଳନା ଓ ଶିକ୍ଷାଦାନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ପୂର୍ବତନ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ପୂର୍ବବର୍ଷ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଅଞ୍ଜନ ସିଂ ଓ ଛାତ୍ରୀ ବାସନ୍ତି ହାସଦାଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଗୌରାଙ୍ଗ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜ୍ୟୋତିର୍ମୟୀ ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଧାନମଣ୍ଡି ଖୋଲିବାକୁ ଜିଲାପାଳଙ୍କଠାରେ ଚାଷୀଙ୍କ ଦାବି

ବାଲେଶ୍ୱର,୦୪।୦୧ (ନି.ପ୍ର): ଧାନମଣ୍ଡି ଖୋଲିବାରେ ପଣପଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ଅହେତୁକ ବିଳମ୍ବକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଆଜି ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ଗତ ଡିସେମ୍ବର ୨ ତାରିଖରୁ ବାଲେଶ୍ୱର ଜିଲାରେ ଅନ୍ୟାନ୍ୟ ସମିତିମାନଙ୍କରେ ଧାନ କ୍ରୟ କେନ୍ଦ୍ର ଖୋଲିବା ସହ ଚାଷୀମାନେ ନିଜ ନିଜର ଧାନ ବିକ୍ରି କରିପାରୁଥିବା ବେଳେ ପଣପଣା ସେବା ସମବାୟ ସିମିତି ପକ୍ଷରୁ ଅଦ୍ୟାବଧି ମଣ୍ଡି ଖୋଲା ଯାଇନଥିବା ସେମାନେ କହିଥିଲେ । ଅନଲାଇନ୍‌ରେ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଏବେ ଟୋକନ ମିଳିଥିଲେ ବି ସେମାନେ ଧାନ ବିକ୍ରି କରିପାରୁନାହାନ୍ତି । ପଣପଣା ସମିତି ବନ୍ଦ ରହୁଥିବା ବେଳେ ଟୋକନର ଅବଧି ଶେଷ ହୋଇଯିବାକୁ ବସଛି । ଏଭଳି ସ୍ଥିତିରେ ଚାଷୀମାନେ ଧାନ ବିକ୍ରି ପାଇଁ ଯୋଗାଣ ବିଭାଗ, ସେବା ସମବାୟ ସିମିତି ସମୂହ ଉପ-ନିବନ୍ଧକ, ସହକାରୀ ନିବନ୍ଧକଙ୍କଠାରେ ବି ଆପତ୍ତି ଉଠାଇଥିଲେ । ମାତ୍ର କୌଣସି ଫଳ ନ ମିଳିବାରୁ ଶେଷରେ ଆଜି ଜିଲ୍ଲାପାଳଙ୍କଠାରେ ଜଣାଇଛନ୍ତି । ଏନେଇ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ପ୍ରଦୀପ କୁମାର ବେହେରା, ସୁର୍ଯ୍ୟରଂଜନ ଉପାଧ୍ୟାୟ, ସଂଜୟ କୁମାର ମଣ୍ଡଳ, ସୁଶାନ୍ତ କୁମାର ନାୟକ, ଜୟନ୍ତ କୁମାର ବେହେରା, ଦୟାନିଧି ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ବାରମ୍ବାର ଦାବି ପରେ ବି ହେଉନି ରାସ୍ତା ମରାମତି : ବଢୁଛି ଦୁର୍ଘଟଣା

ବାରିପଦା,୦୪।୦୧ (ନି.ପ୍ର): ବାରିପଦା ପୌରପରିଷଦ ଅନ୍ତର୍ଗତ ୧ ନମ୍ବର ୱାର୍ଡ ବୁଡିଖମାରୀ ଅଂଚଳରେ ବ୍ରାହ୍ମଣ ଶାସନ ତଳକୁ ଯାଇଥିବା ରାସ୍ତାରେ କଂକ୍ରିଟ ଭାଙ୍ଗି ଯିବାରୁ ଦୀର୍ଘ ଦିନଧରି ଏକ ବିରାଟ ଗାତ ସୃଷ୍ଟି ହୋଇଛି । ଏହା ଏକ ଓଣଓସାରିଆ ରାସ୍ତା ହୋଇ ଥିବାରୁ ଏହି ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ତଥା ବହିରାଗତ ଲୋକେ ବିଭିନ୍ନ ସମୟରେ ଗାତରେ ପଡି ଖଣ୍ଡିଆ ଖାବରା ହେଲେଣି, ଅନେକବାର ଛୋଟମୋଟ ଦୁର୍ଘଟଣା ମଧ୍ୟ ଘଟିଲାଣି । କିନ୍ତୁ ବାରିପଦା ପୌର ପରିଷଦ ତରଫରୁ ନିର୍ମାଣ କରାଯାଇଥିବା ଏହି ରାସ୍ତାର ମରାମତି ପାଇଁ ବାରମ୍ବାର ସ୍ଥାନୀୟ ଅଧିବାସୀ ମାନେ ଦାବୀ କରୁଥିଲେ ମଧ୍ୟ, ପୌର ପ୍ରସାଶନ ପ୍ରକ୍ଷରୁ ରାସ୍ତା ମରାମତି କରା ନଯିବା ଫଳରେ ବାରମ୍ବାର ଦୂର୍ଘଟଣା ଘଟୁଛି ।



ବିଶେଷ କରି ରାତିରେ ଯାତାୟତ କରୁଥିବା ଲୋକେ ଭୂଲରେ ଗାତରେ ପାଦ ପକାଇ ଖଣ୍ଡିଆ ଖାବରା ହେଉଛନ୍ତି । ଏଣୁ ତୁରନ୍ତ ପୌରପାଳିକା ପକ୍ଷରୁ ଉକ୍ତ ରାସ୍ତାର ମରାମତି କରାଯିବା ପାଇଁ ସ୍ଥାନୀୟ ଅଧିବାସୀ ମାନେ ଦାବୀ ଜଣାଇଛନ୍ତି ।

## ୭ ଓ ୮ ଜାନୁୟାରୀରେ ଜେଲଭରୋ ଆନ୍ଦୋଳନ

ଭୁବନେଶ୍ୱର,୦୪।୦୧ (ନି.ପ୍ର): କରୋନା ଲକ୍‌ଡାଉନ ସମୟରେ ମୋଦି ସରକାରଙ୍କ କର୍ପୋରେଟ ମାଲିକ ମାନଙ୍କ ସ୍ୱାର୍ଥରେ ଶ୍ରମିକ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରଚଳିତ ୪୪ଟି ଶ୍ରମ ଆଇନର ପରିବର୍ତ୍ତନ କରି ୪ଟି କୋର୍ଡ୍‌ରେ ପରିଣତ କରିଛନ୍ତି । ୩ଟି କଳା କୃଷି ଆଇନ୍ ବିରୋଧି ଦଳ ମାନଙ୍କ ବିରୋଧ ସତ୍ୱେ ଅଗଣତାନ୍ତ୍ରିକ ଭାବେ ପାର୍ଲିଆମେଂଟରେ ପାସ୍ କରାଇଛନ୍ତି । ଶ୍ରମ ଆଇନ୍ ସଂଶୋଧନ ବାତିଲ, ୩ଟି କଳା କୃଷି ଆଇନ ପ୍ରତ୍ୟାହାର ସହିତ ୧୦ ଦଫା ଦାବିରେ ସିଆଇଟିୟୁ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି । ୭ ଓ ୮ ଜାନୁଆରୀରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଅଫିସରେ ବିକ୍ଷୋଭ / ଆଇନ୍ ଅମାନ୍ୟ ଭଳି ଶକ୍ତିଶାଳୀ ଆନ୍ଦୋଳନ କରାଯିବ । ୩୦ ଜାନୁୟାରୀ ରାଜଧାନୀରେ ବିଶାଳ ଶ୍ରମିକ ସମାବେଶ କରିବାକୁ ସିଆଇଟିୟୁ ଡାକରା ଦେଇଛି ।

## ଆମ ମୟୁରଭଞ୍ଜ ଅଟୋ ଏସୋସିଏସନର ସାଧାରଣ ସମ୍ପାଦକଙ୍କ ବିୟୋଗ

ବାରିପଦା,୦୪।୦୧ (ନି.ପ୍ର): ଆମ ମୟୁରଭଞ୍ଜ ଅଟୋ ଏସୋସିଏସନର ସାଧାରଣ ସମ୍ପାଦକ ଅନୁରୁଦ୍ଧ ମହଲାଙ୍କ ଅକାଳ ବିୟୋଗ ଘଟିଛି । ସେ ବହୁ ଦିନ ହେବ ଅସୁସ୍ଥ ଥିବା ବେଳେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଜଣେ ମିଷ୍ଟ ଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ବାରିପଦା ଅଂଚଳରେ ବେଶ ପରିଚିତ ଥିଲେ । ଜଣେ ବରିଷ୍ଠ ଯୁବ ସଙ୍ଗଠକ ଭାବେ ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ, ପରିବେଶ ସୁରକ୍ଷା,



ନିଶା ନିବାରଣ ଆଦି ଜନହିତକର କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଜଡ଼ିତ ଥିଲେ । ତାଙ୍କ ଦେହାନ୍ତକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଆଜି ତାଙ୍କ ଶେଷକୃତ୍ୟ ବେଲଗଡିଆ ସ୍ଥିତ ମଶାଣିରେ ସମ୍ପର୍ଣ୍ଣ ହୋଇଥିଲା । ଆମ ମୟୁରଭଞ୍ଜ ଅଟୋ ଏସୋସିଏସନର ସଭାପତି ତଥା ରାଜ୍ୟ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ମହାନ୍ତି ଶୋକ ପ୍ରକଟ କରିବା ସହିତ ଶୋକାକୁଳ ପରିବାରକୁ ଏଭଳି ମୁହୂର୍ତ୍ତରେ ଭଗବାନ ସହାୟକ ହେବା ପାଇଁ ପ୍ରାର୍ଥନା କରିଥିଲେ । ତେବେ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ଲୋକ କରୋନା କଟକଣା ନିୟମ ଅନୁସାରେ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## କୋଭିଡ କଟକଣା ଭିତରେ ଗଣ ବିବାହ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା,୦୪।୦୧ (ନି.ପ୍ର): ତ୍ରିବେଣୀ ଯୁବ ଜନକଲ୍ୟାଣ ସଂଗଠନ ଆନୁକୂଲ୍ୟରେ ପ୍ରତିବର୍ଷଭଳି ଚଳିତ ବର୍ଷ ସ୍ଥାନୀୟ ବାରିପଦା ଛଉପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶ ବାର୍ଷିକ ଗଣବିବାହ ନିମନ୍ତେ ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଓଡିଶା ତିନି ରାଜ୍ୟର କର୍ମକର୍ତ୍ତା ମାନଙ୍କ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଭିଡ ନିୟମକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରାଯାଇ ଆଗାମୀ ୨୩ ତାରିଖରେ ପାଂଚ ଯୋଡା ବରକନ୍ୟାଙ୍କ ବିବାହ କରାଯିବାର ନିଷ୍ପତି ଗ୍ରହଣ କରାଯାଇଛି । ତ୍ରିବେଣୀ ଯୁବ ଜନକଲ୍ୟାଣ ସଂଗଠନ ବିନା ମୂଲ୍ୟରେ ଏହି ବିବାହ କାର୍ଯ୍ୟକ୍ରମ ପ୍ରତିବର୍ଷ ୨୦୧୦ରୁ ଏଯାବତ ନିରବଛିନ୍ନ ଭାବେ ସମ୍ପାଦନ କରି ଆସୁଛି । ଓଡିଶା ଶାଖା ବାରିପଦା ଯୁବରାଜ୍ୟର କର୍ମକର୍ତ୍ତାଙ୍କ ପ୍ରସ୍ତୁତି ବୈଠକ କଲ୍ୟାଣ ସଂଗଠନର ସଭାପତି ଚନ୍ଦ୍ରଶେଖର ଖଣ୍ଡେଲୱାଲ ଓ ସନ୍ତୋଷ କୁମାର ଦାସ, ସାଧାରଣ ସଂପାଦକ ଗୟାପ୍ରସାଦ ଖଣ୍ଡେଲୱାଲ, ଯୁଗ୍ମ ସଂପାଦକ ପ୍ରବୋଧ ରାଉତ ଓ ସୁଧାଂଶୁ ମହାନ୍ତି, କୋଷାଧକ୍ଷ ସରୋଜ କୁମାର ସାହୁ ଓ ବିଜୟ ଅଗ୍ରୱାଲ, ଉପସଭାପତି ଅନ୍ତର୍ଯ୍ୟାମୀ କବାଟଙ୍କ ସମେତ ଅଜିତ ଭଂଜ, ନରେଶ ଖୁରାନା, ସତାରାମ ଖଣ୍ଡେଲୱାଲ, ବିବେକାନନ୍ଦ ସେଜପଜା, ରାଜେଶ କୁମାର ବେହେରା, ମନୋଜ ଦିୱେଦୀ, ସରୋଜ ଦାସ, ଅସୀମ ଚକ୍ରବର୍ତ୍ତୀ ଏବଂ ମହିଳା ସମିତିର ସଭାନେତ୍ରୀ ମମତା ଖଣ୍ଡେଲୱାଲ ପ୍ରମୁଖଙ୍କ ସମେତ ବହୁ ସଦସ୍ୟା ଏହି ପ୍ରସ୍ତୁତି ବୈଠକରେ ଅଂଶ ଗ୍ରହଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo